
JioMart.com
ସୋନ୍ ପାପଡ଼ି /ବେସନ ଲଡୁ 400 g ତେଣିକ (ବିକାଜୀ/ ସ୍ନାକ୍ୟାକ୍) (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹149 ତେଣିକି ଆମ ମୂଲ୍ୟ ₹75 ତେଣିକି
50% ଛାଡ଼
ରସଗୁଲା/ଗୁଲାବ ଜାମୁନ୍ 1 kg (ବିକାଜୀ/ ସ୍ନାକ୍ୟାକ୍) (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹259 ତେଣିକି ଆମ ମୂଲ୍ୟ ₹130 ତେଣିକି
50% ଛାଡ଼
ବେସନ/ ମଇଦା/ ସୁଜି (500 g / 1 kg)
MRP ₹40 ତେଣିକି ଆମ ମୂଲ୍ୟ ₹20 ତେଣିକି
50% ଛାଡ଼
ବିସ୍କୁଟ୍- ଲାର୍ଜ ପ୍ୟାକ୍ 300 g ତେଣିକ (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹100 ତେଣିକି
33% ଛାଡ଼ to 50% ଛାଡ଼
କେଲୋଗ୍‌ସ ଚୋକୋସ୍ ମୁନ୍ ଆଣ୍ଡ ଷ୍ଟାର୍ସ 1.2 kg
MRP ₹660 ଆମ ମୂଲ୍ୟ ₹330
50% ଛାଡ଼
ମେନ୍‌ସ ଆଣ୍ଡ ଓମେନ୍‌ସ ଡିଓ 150 ml ତେଣିକ (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹199 ତେଣିକି ଆମ ମୂଲ୍ୟ ₹100 ତେଣିକି
50% ଛାଡ଼
ପୂଜା ସାମଗ୍ରୀ (ଅଗରବତୀ / କର୍ପୂର / ଘିଅ / କଟନ୍ ୱିକ୍‌ସସ୍ମାଦ)
MRP ₹10 ତେଣିକି ଆମ ମୂଲ୍ୟ ₹5 ତେଣିକି
50% ଛାଡ଼
ହ୍ୱାଇଟ୍ ନାଇଟ୍ କକଟେଲ୍ ନାପକିନ୍
MRP ₹36 ତେଣିକି ଆମ ମୂଲ୍ୟ ₹18 ତେଣିକି
50% ଛାଡ଼
ୟିପୀ / ଟପ୍ ରାମେନ୍ / ଚିଙ୍ଗସ ସିକ୍ରେଟ୍ ନୁଡୁଲ୍ସ 240 g ତେଣିକ (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹58 ତେଣିକି ଆମ ମୂଲ୍ୟ ₹39 ତେଣିକି
33% ଛାଡ଼
ହ୍ୱିସପର୍ ଅଲ୍‌ଟ୍ରା XL 44s / ଷ୍ଟେଫ୍ରୀ ଡ୍ରାଇମାକ୍ସ 42s / ସୋଫି XL 54s (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹399 ତେଣିକି ଆମ ମୂଲ୍ୟ ₹267 ତେଣିକି
33% ଛାଡ଼
ଫର୍ଚୁନ୍ ସନ୍ ଲାଇଟ୍ ରିଫାଇନ୍‌ଡ ସନ୍‌ଫ୍ଲାୱର ଅଏଲ୍ 5 ℓ + ଫର୍ଚୁନ୍ ଏଭରେଡ଼ୀ ବାସମତୀ ରାଇସ୍ 5 kg
କମ୍ବାଇଣ୍ଡ MRP ₹1745 ସଞ୍ଚୟ ₹657
ଆମ ମୂଲ୍ୟ ₹1088
ଗୁଡ୍ ଲାଇଫ୍ ଆଲ୍‌ମଣ୍ଡ / କ୍ୟାଶ୍ୟୁ (W320) 500 g
MRP ₹549 ତେଣିକି/ ₹499 ସଞ୍ଚୟ ₹100
ଆମ ମୂଲ୍ୟ ₹449/ ₹399
ଗୁଡ୍ ଲାଇଫ୍ ର' ପିନଟ୍ 500 g
MRP ₹100 ସଞ୍ଚୟ ₹23
ଆମ ମୂଲ୍ୟ ₹77
ବରାଲକ୍ଷ୍ମୀ / ଗୁଡ୍ ଲାଇଫ୍ ସାବୁଦାନା 500 g
MRP ₹60 ତେଣିକି ସଞ୍ଚୟ ₹21 ତେଣିକି
ଆମ ମୂଲ୍ୟ ₹39 ତେଣିକି
ସୁପର ସର୍ବୋତ୍ତମ ରାଇସ୍ ବ୍ରାନ ଅଏଲ 1 ℓ
MRP ₹198 ସଞ୍ଚୟ ₹58
ଆମ ମୂଲ୍ୟ ₹140
ଗୁଡ୍ ଲାଇଫ୍ ସୁଗାର 5 kg
MRP ₹260 ସଞ୍ଚୟ ₹25
ଆମ ମୂଲ୍ୟ ₹235 (₹47/kg)
ରେଡ୍ ଲେବଲ 1 kg
MRP ₹510 ଆମ ମୂଲ୍ୟ ₹410
ସଞ୍ଚୟ ₹100
କୋକ୍ ରେଞ୍ଜ 2.25 ℓ (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹95 ଆମ ମୂଲ୍ୟ ₹70
ସଞ୍ଚୟ ₹25
ଓମ୍‌ଫେଡ୍ ଘିଅ 1 ℓ
MRP ₹605 ସଞ୍ଚୟ ₹31
ଆମ ମୂଲ୍ୟ ₹574
ନେଷ୍ଟଲ୍ ମିଲ୍‌କମେଡ୍ କଣ୍ଡେନ୍ସଡ ମିଲ୍‌କ 400 g
MRP ₹128 ସଞ୍ଚୟ ₹19
ଆମ ମୂଲ୍ୟ ₹109
ପେଅର୍ସ / ଡଭ୍ / ଗୋଦରେଜ୍ No. 1 / ଭିଭେଲ୍ ସୋପ୍ 125g X 3 ତେଣିକ (ମଲ୍ଟି ପ୍ୟାକ୍) (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹125 ତେଣିକି ଆମ ମୂଲ୍ୟ ₹94 ତେଣିକି
25% ଛାଡ଼
ମଦର କେୟାର / ପାମ୍ପର୍ସ ଡାଇପର (S / M / L / XL) (ନିର୍ଦ୍ଦିଷ୍ଟ ରେଞ୍ଜ)
MRP ₹799 ତେଣିକି
ସଞ୍ଚୟ ₹290 ତେଣିକି
ଭିମ୍ ଲେମନ୍ ଡିଶ୍ ୱାଶ୍ ଜେଲ୍ 750 ml
MRP ₹185 ଆମ ମୂଲ୍ୟ ₹130
30% ଛାଡ଼
ଡୋମେକ୍ସ ଟଏଲେଟ୍/ ଫ୍ଲୋର କ୍ଲିନର 1 ℓ
MRP ₹180 ତେଣିକି ଆମ ମୂଲ୍ୟ ₹99
ସଞ୍ଚୟ ₹81 ତେଣିକି
JioMart.com PRESENTS
JioMart
ଫେଷ୍ଟିଭାଲ୍ ସେଲ୍
9th - 10th OCT
ଅବିଶ୍ୱସନୀୟ ଅଫର୍ସ + ପାଆନ୍ତୁ ଅତିରିକ୍ତ 10% କ୍ୟାସବ୍ୟାକ୍!
JioMart ମହା କ୍ୟାସବ୍ୟାକ ୨
ଫ୍ରୀ ହୋମ୍ ଡେଲିଭରୀ
କୌଣସି ସର୍ବନିମ୍ନ ଅର୍ଡର ନାହିଁ
ଜିଓମାର୍ଟ ଆପ୍ ବର୍ତ୍ତମାନ ଡାଉନଲୋଡ୍ କରନ୍ତୁ
ଅଫର୍ସ ଏଠାରେ ମଧ୍ୟ ଉପଲବ୍ଧ
SMART STORES
Reliance fresh
10% EXTRA CASHBACK* SBI card
#Min. Trxn: ₹1,000; Max. Cashback: ₹500 per card account.
Validity: 07 Oct - 10 Oct 2021. T&C Apply.
Pay using Paytm App.
GET UP TO ₹750 paytm CASHBACK
Valid on minimum payment of ₹750.
Valid 2 times per user from 2nd to 10th Oct 2021 T&C Apply.

## ୪ ପାଣିପମ୍ପ ମୋଟର ଜବତ, ୩ ଗିରଫ

ବାରଙ୍ଗ,(ଡି.ଏନ.ଏ.): ପାଣିପମ୍ପ ମୋଟର ଚୋରି କରିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଶୁକ୍ରବାର ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ମେଣ୍ଢାଶାଳ କୁକୁଡାମୁଣ୍ଡିର ଏସ.କେ. ୟୁନୁସ, ମନ୍ଦିର ସାହିର ରାଜକିଶୋର ବାରିକ ଓ ବାରିକ ସାହି ପ୍ରଭାକର ବାରିକ। ସେମାନଙ୍କଠାରୁ ୪ଟି ପାଣିପମ୍ପ ମୋଟର ପୋଲିସ ଜବତ କରିଛି। ମେଣ୍ଢାଶାଳ ନିକଟସ୍ଥ ଡେରାସ ଫର୍ମର ସିଫୁଡ ପାର୍କରୁ ଏକ ସମରସେବୁଲ ପାଣିପମ୍ପ ଚୋରି ହୋଇଥିବାର ଗତ ୭ତାରିଖରେ ସିକ୍ୟୁରିଟି ଗାର୍ଡ ସୁନୀଲ ରଞ୍ଜନ ନାୟକ ମେଣ୍ଢାଶାଳ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୨୩୯/୨୧ ରେ ମାମଲା ରୁଜୁ କରି ତଦନ୍ତ କରି ଧରିଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ, ଶିରୀପୁର ନିକଟସ୍ଥ ପ୍ରତିମୂର୍ତ୍ତି, ସକାଳ ୯ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ଗୋପବନ୍ଧୁ ଛକ, ସକାଳ ୯ଟା।
- ଉତ୍କଳ ବିପନ୍ନ ସହାୟତା ସମିତି ପକ୍ଷରୁ ରକ୍ତଦାନ ଶିବିର, ସମିତି ପରିସର, ପ୍ଲଟ ନଂ.୪୧, ସେକ୍ଟର-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ସକାଳ ୯ଟା।
- ସମାଜବାଦୀ ପାର୍ଟି ପକ୍ଷରୁ ଉତ୍କଳମଣିଙ୍କ ଜୟନ୍ତୀରେ ମାଲ୍ୟାର୍ପଣ, ଗୋପବନ୍ଧୁ ଛକ, ରାଜଭବନ ପଛ, ସକାଳ ୯ଟା।
- ଜଗନ୍ନାଥ ସେବା ପ୍ରତିଷ୍ଠାନ ଓ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ, ହୋଟେଲ ଚନ୍ଦନ, ବରମୁଣ୍ଡା ଓଭରବ୍ରିଜ, ପୂର୍ବାହ୍ନ ୧୦ଟା ୩୦।
- ଇନଷ୍ଟିଚ୍ୟୁଟ ଅଫ କ୍ୱାଲିଟି ଓ ଏନଭାଇରନମେଣ୍ଟ ସର୍ଭିସ ପକ୍ଷରୁ ସେମିନାର, ହୋଟେଲ ନ୍ୟୁ ମାରିଅନ, ପୂର୍ବାହ୍ନ ୧୦ଟା ୩୦।
- ସାହିତ୍ୟାୟନ ଆନୁକୂଲ୍ୟରେ ଗଳ୍ପ ସଂକଳନ ଲୋକାର୍ପଣ ଉତ୍ସବ, ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ମାନସିକ ସ୍ୱାସ୍ଥ୍ୟ ମହାମାରୀ ଯୋଗୁ ମଣିଷ ଆଜି ଭୀତତ୍ରସ୍ତ

**ଭୁବନେଶ୍ୱର, ୮।୧୦ (ବ୍ୟୁରୋ):** ମାନସିକ ସ୍ୱାସ୍ଥ୍ୟ ମହାମାରୀ ଯୋଗୁ ମଣିଷ ଆଜି ଭୀତତ୍ରସ୍ତ ହୋଇଛି। ଏହାର ବୈଜ୍ଞାନିକ ମୁକାବିଲା ଜରୁରୀ ବୋଲି ମନମ ପ୍ରତିଷ୍ଠାନର ପ୍ରତିଷ୍ଠାତା ଡ. ଅନୁରାଧା ମହାପାତ୍ର କହିଛନ୍ତି। ଶୁକ୍ରବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ମନମ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଯୋଗଦେଇ ଡ. ମହାପାତ୍ର ସୁସ୍ଥ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ୍ ଅଧକ୍ଷା ପ୍ରଫେସର ସସ୍ମିତା ମହାନ୍ତି, ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ସୁଦାମ ଚରଣ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାବେୟା ବତୁଲ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବାବେଳେ ଡ. ସାୟନ୍ତନୀ ବେଉରିଆ ଧନ୍ୟବାଦ ଦେଇଥିଲେ।

### ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ

**ବାଲିଅନ୍ତା,୮।୧୦(ଡି.ଏନ.ଏ.):** ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁରସ୍ଥିତ ଶ୍ରୀବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ଶୁକ୍ରବାର ଜୟଦେବ ବିଧାୟକ ଅରବିନ୍ଦ ଢାଲୀଙ୍କ ଦ୍ୱାରା ଉଦ୍‌ଘାଟିତ କରାଯାଇଛି। ଏହି ଉତ୍ସବରେ ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର, ସରପଞ୍ଚ ଜୟଶ୍ରୀ ନାୟକ, ପ୍ରଜ୍ଞାପାରମିତା ଜେନାମଣି, ସୂର୍ଯ୍ୟ ଦାସ, ମାନସ ନାୟକ, ଲକ୍ଷ୍ମୀଧର ବେହେରା ଓ ଦେବାଶିଷ ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟରେ ଖାଲି ପଡ଼ିଥିବା ୩ ଶିକ୍ଷକଙ୍କ ନିଯୁକ୍ତି, ପ୍ରାଚୀର ନିର୍ମାଣ, ଛାତ୍ରାବାସର କାର୍ଯ୍ୟକ୍ଷମ ସାଇକେଲ ଷ୍ଟାଣ୍ଡର ମରାମତି ଓ ବିଦ୍ୟାଳୟ ଜମିର ସୁରକ୍ଷା ନେଇ ବିଧାୟକଙ୍କୁ କମିଟି ପକ୍ଷରୁ ଅବଗତ କରାଯାଇଥିଲା। ଏହାର ଖୁବଶୀଘ୍ର ସମାଧାନ ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଭାରପ୍ରାପ୍ତି ପ୍ରଧାନ ଶିକ୍ଷକ ପ୍ରଦୀପ୍ତ ତ୍ରିପାଠୀ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷକ ଗଣେଶଚନ୍ଦ୍ର କରଣ ଧନ୍ୟବାଦ ଦେଇଥିଲେ।

### ପାନୀୟଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ

**ବାଲିଅନ୍ତା,୮।୧୦(ଡି.ଏନ.ଏ.):** ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲୀଙ୍କ ଦ୍ୱାରା ଶୁକ୍ରବାର ଜିତିକାରସୁଆଁଲୋସ୍ଥିତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ପୁନଃ ସଂଯୋଜନା କାର୍ଯ୍ୟ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରକଳ୍ପର ନୂତନ ଭାବେ ନିର୍ମିତ ୧ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଭୂତଳ ଜଳ ସଂରକ୍ଷିତ ପାଇଁ ଏକ ଓଭରହେଡ୍ ଟାଙ୍କି ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ଏହି ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର, ସରପଞ୍ଚ ଜୟଶ୍ରୀ ନାୟକ, ଅଚ୍ୟୁତାନନ୍ଦ ପାତ୍ର, ବାଲିଅନ୍ତା ଗ୍ରାମ୍ୟ ଜଳଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ସେନାପତି ପ୍ରମୁଖ ଯୋଗଦେଇଥିଲେ।

## ସକାଳୁ ସନ୍ଧ୍ୟା ଲାଗୁଛି ଭିଡ଼




କୋଭିଡ୍ କଟକଣା ସତ୍ତ୍ୱେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ସକାଳୁ ଲାଗିଥିବା ଲୋକଙ୍କ ଲମ୍ବାଧାଡ଼ି। ୟୁନିଟ୍-୨ ମାର୍କେଟରେ ସନ୍ଧ୍ୟାରେ ପ୍ରବଳ ଗହଳି।

# ରାଜଧାନୀରେ ଶିଶୁବିକ୍ରି ଅଭିଯୋଗ

**ଶିଶୁପୁତ୍ରକୁ ଉଦ୍ଧାର କଲା ଚାଇଲ୍ଡଲାଇନ**

**ବିକ୍ରି ସଂକ୍ରାନ୍ତ କାଗଜପତ୍ର ଜବତ**

ଭୁବନେଶ୍ୱର,୮।୧୦(ବ୍ୟୁରୋ)

ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରା ସାହିରେ ଶୁକ୍ରବାର ଜଣେ ନବଜାତ ଶିଶୁପୁତ୍ରକୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଓ ଚାଇଲ୍ଡଲାଇନ ସେଠାରେ ଚଢ଼ାଉ କରି ଏକ ଦମ୍ପତିଙ୍କଠାରୁ ଉକ୍ତ ଶିଶକୁ ଉଦ୍ଧାର କରିଛି। ଏଥିସହ ଶିଶୁ ବିକ୍ରିକୁ ନେଇ ହୋଇଥିବା ଆଇନଗତ ଚୁକ୍ତି ଦଲିଲ୍‌କୁ ଚାଇଲ୍ଡଲାଇନ୍ ଜବତ କରିଛି। ତେବେ ଶିଶୁପୁତ୍ର ବିକ୍ରି ଅଭିଯୋଗକୁ ତାଙ୍କ ମା' ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ମୁଁ ମୋ ଛୁଆକୁ ବିକ୍ରି କରିନାହିଁ। ଦମ୍ପତିଙ୍କ ପାଖରେ ରଖିବାକୁ ଦେଇଥିଲି। ଚାଇଲ୍ଡଲାଇନ୍ ଅଧକ୍ଷ ବେଣୁଧର ସେନାପତି କହିଛନ୍ତି, ଅତିରିକ୍ତ ସିଡବ୍ଲ୍ୟୁସି ଓ ଖୋର୍ଦ୍ଧା ଡିସିପିଓଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଛି। ଉଦ୍ଧାର ଶିଶୁପୁତ୍ରକୁ କୋଳଥିଆସ୍ଥିତ ସୁଭଦ୍ରା ମହତାବ ସେବା ସଦନ (ସ୍ପେଶାଲ ଆଡପ୍ସନ୍ ଏଜେନ୍ସି)ରେ ରଖାଯାଇଛି। ଏହି ଘଟଣାରେ ସିଡବ୍ଲ୍ୟୁସି ଅଧିକ ତଦନ୍ତ କରିବ। ନୟାପଲ୍ଲୀ ଥାନା ଅଧିକାରୀ ଶରତ କୁମାର ସାହୁ କହିଛନ୍ତି, ଶିଶୁପୁତ୍ରକୁ ବିକ୍ରି କରାଯାଇ ନାହିଁ। ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ଶିଶୁପୁତ୍ରକୁ ରଖିବାକୁ ଜଣେ ଦମ୍ପତିଙ୍କୁ ଦେଇଥିଲେ। ଉଦ୍ଧାର ଶିଶୁପୁତ୍ରକୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ସ୍ଥାନୀୟ ଥାନା ବେହେରା ସାହିରେ ଜଣେ ମହିଳା ତାଙ୍କ ୩ ମାସର ଶିଶୁପୁତ୍ରକୁ ଜଣେ ଦମ୍ପତିଙ୍କୁ ୬୫୦୦ ଟଙ୍କାରେ ବିକ୍ରି କରିଥିବା ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପ୍ରଥମେ ସେଠାକୁ ଯାଇ ଶିଶୁପୁତ୍ରର ମା'ଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଖବର ପାଇ ଚାଇଲ୍ଡ ଲାଇନର ସଦସ୍ୟ ଥାନାରେ ପହଞ୍ଚିଥିଲେ। ଏହାପରେ ପୋଲିସ ଓ ଚାଇଲ୍ଡଲାଇନ୍ ସଦସ୍ୟ ବେହେରା ସାହିରେ ପହଞ୍ଚି ଦମ୍ପତିଙ୍କଠାରୁ ଶିଶୁପୁତ୍ରକୁ ଉଦ୍ଧାର କରି ଥାନାକୁ ଆଣିଥିଲେ।



## ରାଜ୍ୟସ୍ତରୀୟ ଲୋକକଳା ଗ୍ରାମ ମହୋତ୍ସବ

ଭୁବନେଶ୍ୱର, ୮।୧୦(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଲୋକକଳା ଗ୍ରାମ ମହୋତ୍ସବ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଛି। ବିଭାଗୀୟ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ କହିଲେ, ମଣିଷ ସହର ସୃଷ୍ଟି କରିଛି ସତ, କିନ୍ତୁ ଗାଁକୁ ଭଗବାନ ସୃଷ୍ଟି କରିଛନ୍ତି। ଗାଁକୁ ଅବହେଳା କରାଗଲେ ଏହା ସୃଷ୍ଟିକର୍ତ୍ତା ଭଗବାନଙ୍କ ପ୍ରତି ଅପମାନ ହେବ। ଉପସଚିବ ସଂଜୟ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ରହି ଲୋକକଳା ଉପରେ କହିଥିଲେ। ଏହି ଅବସରରେ ବାଲେଶ୍ୱର ଗୁଡୁଦା ପାଟଣା ଲୋକକଳାଗ୍ରାମର ଚଢ଼େୟା ନାଚ ପରିବେଷିତ ହୋଇଥିଲା। ଏହାକୁ ଦର୍ଶକ ବେଶ୍ ଉପଭୋଗ କରିଥିଲେ। ପରେ କଳାହାଣ୍ଡି ଛୋରିଆଗଡ଼ ଲୋକକଳା ଗ୍ରାମର ଘୁମୁରା, ବଲାଙ୍ଗୀର ପୁଇଁତୋଳାର ଘୁଡ଼କା ଏବଂ ପୁରୀ ସାରଙ୍ଗଯୋଡି ଗୋଟିପୁଅ ଦଳର କଳାକାରମାନେ ପାରମ୍ପରିକ କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଓଡ଼ିଶାର ଲୋକକଳାର ପ୍ରଚାର ପ୍ରସାର ଓ ଲୋକ କଳାକାରଙ୍କ ଉତ୍କର୍ଷକୁ ଲିପିବଦ୍ଧ କରି ସୁଦୂରପ୍ରସାରୀ କରିବା ନିମନ୍ତେ ଏକ ତ୍ରୈମାସିକ ପତ୍ରିକା 'ଲୋକକଳା ବାର୍ତ୍ତା' ଉନ୍ମୋଚନ ହୋଇଥିଲା। ରାଜ୍ୟ କଳାକାର ସଂଘ ଉପସଭାପତି ଅବନୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ବାସୁଦେବ ମାଳବିଷୋୟୀ କାର୍ଯ୍ୟକ୍ରମର ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ଜୟପ୍ରକାଶଙ୍କ ଆଦର୍ଶ ଦେଶପ୍ରେମ ପାଇଁ ଉଦ୍‌ବୁଦ୍ଧ କରିବ

ଭୁବନେଶ୍ୱର, ୮।୧୦ (ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସମାଜବାଦ ଆନ୍ଦୋଳନର ଭୀଷ୍ମ ପିତାମହ, କ୍ରାନ୍ତିର ଜନକ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଶ୍ରାଦ୍ଧୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ରେଳଷ୍ଟେଶନ ସମ୍ମୁଖ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଲୋକନାୟକ ଜୟପ୍ରକାଶ ବିଦେଶରେ ଶିକ୍ଷାଲାଭ କରି ମଧ୍ୟ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ କଂଗ୍ରେସରେ ଯୋଗଦେଇଥିଲେ। ପରେ କଂଗ୍ରେସ ଛାଡ଼ି ସମାଜବାଦ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ବିଭିନ୍ନ ପଦ ପଦବୀକୁ ପ୍ରତ୍ୟାଖ୍ୟାନ କରି ସେ ଦେଶର ଶ୍ରମିକ, କୃଷକ ଓ ସାଧାରଣ ଜନତାଙ୍କ ଅଧିକାର ପାଇଁ ଆଜୀବନ ସଂଘର୍ଷ କରି ବହୁବାର କାରାବରଣ କରିଛନ୍ତି। ତାଙ୍କର ଆଦର୍ଶ ଯୁବପିଢ଼ିଙ୍କୁ ଦେଶପ୍ରେମ ଭାବନାରେ ଉଦ୍‌ବୁଦ୍ଧ କରିବ ବୋଲି ବକ୍ତାମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭାଗର ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ ଦାସ, ପାଲା ଗାୟକ ସୁରେନ୍ଦ୍ରନାଥ ଛୋଟରାୟ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ପ୍ରଭାସ ସାମନ୍ତରାୟ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା, ଜୟ ଓଡ଼ିଶା ଅଧକ୍ଷ ରୁଦ୍ରନାରାୟଣ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଦେବଯାନୀ ଦାସଙ୍କୁ 'ଲୋକନାୟକ ଜୟପ୍ରକାଶ ନାରାୟଣ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଭିକାରୀଚରଣ ସାହୁ ଧନ୍ୟବାଦ ଦେଇଥିଲେ।



ଜୟପ୍ରକାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ।

**ଦେବଯାନୀ ଦାସଙ୍କୁ 'ଲୋକନାୟକ ଜୟପ୍ରକାଶ ନାରାୟଣ ସ୍ମୃତି ସମ୍ମାନ'**

## ଗ୍ୟାଙ୍ଗଷ୍ଟର ରାଜା ଆଚାର୍ଯ୍ୟଙ୍କ ପିଟିଶନ ଖାରଜ

କଟକ ଅଫିସ,୮।୧୦

**ଏନ୍‌ଏସ୍‌ଏ ଅଟକ ସମ୍ପର୍କିତ ମାମଲା**

୨୦୨୦ ଡିସେମ୍ବର ୧୮ରେ ପୋଲିସ କମିଶନର ଝାରପଡା ଜେଲରେ ଥିବା ଗ୍ୟାଙ୍ଗଷ୍ଟର ରାଜା ଆଚାର୍ଯ୍ୟଙ୍କୁ ଜାତୀୟ ନିରାପତ୍ତା ଆଇନ(ଏନ୍‌ଏସ୍‌ଏ)ରେ ଅଟକ ରଖିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାକୁ ଡିସେମ୍ବର ୨୮ରେ ରାଜ୍ୟ ଗୃହ ବିଭାଗ ମଞ୍ଜୁର କରିଥିଲା। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ରାଜା ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣିକରି ଆବେଦନକୁ ଖାରଜ କରିଦେଇଛନ୍ତି। ମାମଲାର ଶୁଣାଣିବେଳେ ସରକାରୀ ଓକିଲ ଜେ.କଟିକିଆ ଓ ପି.କେ. ପାଢୀ ଦର୍ଶାଇଥିଲେ, ୨୦୨୦ ଅକ୍ଟୋବର ୧୭ରେ ଆବେଦନକାରୀ ଓ ତାଙ୍କ ସହଯୋଗୀମାନେ ଭୁବନେଶ୍ୱର ୟୁନିଟ୍-୨ରେ ଦାଦାବଟି ଆଦାୟ କରୁଥିଲେ। ଏହି ସମୟରେ ସେମାନେ ଲୋକଙ୍କୁ ନିଜର ପୂର୍ବ କାରନାମା ସମ୍ପର୍କରେ ମନେପକାଇ ଆତଙ୍କ ଖେଳାଇଥିଲେ। ଫଳରେ ସେ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରିଥିଲେ। ଏନେଇ କ୍ୟାପିଟାଲ ଥାନା ପୋଲିସ ମାମଲା ରୁଜୁ କରିବା ହେବା ସହ ରାଜାଙ୍କୁ ଗିରଫ କରିଥିଲା। ପରେ ତାଙ୍କ ନାମରେ ଏନ୍‌ଏସ୍‌ଏ ଲାଗୁ ହୋଇଥିଲା।

## ଗଞ୍ଜେଇ ଜବତ, ୩ ଗିରଫ

**ଭୁବନେଶ୍ୱର,୮।୧୦(ବ୍ୟୁରୋ):** ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ କୋଲକାତା ଚାଲାଣବେଳେ ଭରତପୁର ଥାନା ପୋଲିସ ୨୨ କିଲୋ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ଜଣ ଆନ୍ତଃରାଜ୍ୟ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲା ମୋହନପୁର ଥାନାଞ୍ଚଳର ତାପସ ମଣ୍ଡଳ(୩୬), ହାଫିଜ୍ ଗଜି(୪୮) ଓ ଅରୁଣ ସାହୁ (୩୮)।

## ଅଳଙ୍କାର କ୍ଲଷ୍ଟର ଲାଗି ମହିଳା ଉଦ୍ୟୋଗୀଙ୍କ ଯୋଜନା

ଭୁବନେଶ୍ୱର,୮।୧୦

ରାଜ୍ୟ ମଧ୍ୟରେ ଅଳଙ୍କାର କ୍ଲଷ୍ଟର ବିକାଶ ଲାଗି ମହିଳା ଉଦ୍ୟୋଗୀମାନେ ଯୋଜନା ରଖିଛନ୍ତି। ଏହାବାଦ ଏଭଳି କ୍ଷେତ୍ର ସହ ଜଡ଼ିତ ଏକ କମନ ଫାସିଲିଟି ସେଣ୍ଟର ସ୍ଥାପନ କରିବା ମଧ୍ୟ ଯୋଜନା ରଖାଯାଇଛି। କେନ୍ଦ୍ର ପକ୍ଷରୁ ଏଥିଲାଗି ୨୦ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରାଯାଇଥିବା ଆଇସିସି ୱମେନ୍ ଏଣ୍ଟରପ୍ରେନ୍ୟୁରଶିପ୍ କମିଟି (ଆଇଡବ୍ଲ୍ୟୁଇସି) ଓ ଏମ୍‌ଏସ୍‌ଏମ୍‌ଇ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍, କଟକ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏମ୍‌ଏସ୍‌ଇ-ସିଡିପି ସ୍କିମ୍ ଓ ନିବେଶକ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ଏଭଳି ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ତାରକସି, ଜାଲି କାମ ଓ ଚମତ୍କାର କାରିଗରି କୌଶଳରେ ନିପୁଣ ଥିବାରୁ ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ବହୁ ଆଗରେ ରହିଛି। ରାଜ୍ୟରେ ଏକ ଅଳଙ୍କାର କ୍ଲଷ୍ଟର ସ୍ଥାପନ କରିବା ଲାଗି ଉଦ୍ୟୋଗୀମାନେ ଆଗେଇ ଆସିବା ଦରକାର ବୋଲି ଟାଇ ଇଣ୍ଡିଆ ଆଞ୍ଜେଲ୍‌ସର ଅଧକ୍ଷ ମହାବୀର ପ୍ରତାପ ଶର୍ମା କହିଛନ୍ତି। ଏହି ଅବସରରେ ଏମ୍‌ଏସ୍‌ଏମ୍‌ଇ-ଡିଆଇ, କଟକର ଯୁଗ୍ମ ନିର୍ଦ୍ଦେଶକ ଓ ଏଚ୍‌ଓଡି ପି.କେ. ଗୁପ୍ତା ଅଳଙ୍କାର, ଟୁରିଜମ୍, ସେଲୁନ ଓ ୱେଲ୍‌ନେସ୍ ସେଣ୍ଟରର ବ୍ୟବସାୟୀମାନଙ୍କୁ ଆଗକୁ ଆସି ସେମାନଙ୍କ କ୍ଷେତ୍ର ପାଇଁ କମନ ଫାସିଲିଟି ସେଣ୍ଟର ସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇସିସି ଓଡିଶା କାଉନସିଲର ଅଧକ୍ଷ ଜେ.ବି.ପାଣି, ଆଇଡବ୍ଲ୍ୟୁଇସି କନ୍‌ଭେନର୍ ସୁକ୍ରିତି ପଟ୍ଟନାୟକ, ଆଇସିସି ଓଡ଼ିଶା ଚାପ୍ଟରର ରାଜ୍ୟ ମୁଖ୍ୟ ଜ୍ୟୋତିପ୍ରକାଶ ପାଲ୍, ଆଇସିସି ୱମେନ୍ ଏଣ୍ଟରପ୍ରେନ୍ୟୁର୍ସ କମିଟିର କୋ-କନ୍‌ଭେନର ଚିଦାତ୍ମିକା ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

GOVERNMENT OF ODISHA No.A-506
**Office of the Superintending Engineer, Berhampur Irrigation Division, Berhampur**
Phone/FAX No. 0680 2281983, e-mail: eebam_irr@yahoo.com
**e-Procurement Notice No. e-BEID-02/2021-22**

1. Name of the Scheme : Critical, State Plan, Restoration & Road works & DPIW work for the F.Y. 2021-22
2. Total No. of Works : 19 (Nineteen) Nos. of Individual works.
3. Estimated Cost : Varies from Rs.5.29 Lakhs to Rs.46.74 Lakhs.
4. Period of Completion : Four to Five months.
5. Other details as follows :

| Sl. No. | Procurement Officer | Bid Identification No. | Period of availability of Bids online | Period of submission of Bids online | Date and Place of opening of Bids online |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 to 19 | Executive Engineer, Berhampur Irrigation Division, Berhampur | e-BEID-51/2021-22 to e-BEID-69/2021-22 | From 11.10.2021 (10.00 A.M.) to 21.10.2021 (5.30 P.M.) | From 11.10.2021 (10.00 A.M.) to 21.10.2021 (5.30 P.M.) | 22.10.2021 (11.00 A.M.) in the Office of the Superintending Engineer, Berhampur Irrigation Division |

Bidders are to participate in online bidding only. Further details can be seen from the Govt. of Odisha e-Procurement Web-site **www.tendersorissa.gov.in**. Any addendum/Corrigendum/cancellation of the tender can be seen in the above website only.
OIPR-32025/11/0002/2122 Sd./- Superintending Engineer, Berhampur Irrigation Division

**OFFICE OF THE REGULATED MARKET COMMITTEE HINJILICUT (GANJAM)**
E-Mail: rmchinj@rediffmail.com
Notice No.-444 Dated: 05.10.2021
**BID IDENTIFICATION NO-RMC HINJILICUT-01/2021**

No.H-23:- The Sub-Collector, Chatrapur-cum-Chairman, R.M.C., Hinjilicut invites percentage rate bids in a single and double cover system (Technical Bid and Price Bid) in online mode from the eligible contractors having experience in similar nature of work. The details are as mentioned follows.
1. Details of tender:

| Sl. No. | Name of the work | Tender value (In Rs.) | E.M.D. (In Rs.) | Class of contractor | Period of completion | Cost of tender paper (In Rs.) |
|---|---|---|---|---|---|---|
| 1 | Construction of Model Mandi (Medium Unit) at Main Market Yard, Hinjilicut | 3,63,66,507.00 | NA (Bid Security Declaration) | A & Special Class | 10 (Ten calendar months) | 10,000.00 |
| 2 | Construction of Model Mandi (Small Unit) at Sub- Market Yard, Haripur Burudi | 1,00,33,237.00 | NA (Bid Security Declaration) | A & B Class | 10 (Ten calendar months) | 10,000.00 |
| 3 | Repairing & renovation of Agri Market Structure at Hinjilicut, Haripur Burudi and Chatrapur | 15,86,059.00 | NA (Bid Security Declaration) | C & D Class | 03 (Three months) | 6,000.00 |

2. Availability fo bid document in the website: 11.10.2021 to 22.11.2021 upto 05 P.M. 3. Date of opening of bid: 24.11.2021 at 11 A.M. 4. Any addendum / corrigendum/ cancellation of tender can also be seen in the said website only. 5. The bidders have to participate in ONLINE bidding only. Further details can be seen from the website: https://tendersodisha.gov.in / http://ganjam.nic.in.
Sd./-Sub-Collector, Chatrapur-cum-Chairman, R.M.C., Hinjilicut
OIPR-07047/11/0001/2122

**PANCHAYAT SAMITI OFFICE, RANPUR**
**DISTRICT- NAYAGARH**
No.: 2651, Date: 28.9.21
**No. i-186:-** Sealed tender is hereby invited from eligible contractors for execution of the Civil Work for Construction of Block Level Mini Stadium at Sunakhela Govt. High School, Rajsunakhela, Const. of AEE Qtr at Ranpur Block, New const. of Delivery Patient Waiting Room at Darpanarayanpur PHC, New Const. of Labour Room At Darpanarayanpur PHC under NHM in the District of Nayagarh. Detail term and condition may be downloaded from the website www.nayagarh.nic.in. The tender documents will be available in the above website from dt.01.10.2021 to dt.15.10.2021. The tender shold reach the office of the undersigned by dt.15.10.2021 (till 5.30 PM) through Regd. Post/ Speed Post. The tender will be opened at 11.30 AM on dt.25.10.2021. Last received and incomplete bids will not be entertained. The undersigned reserves the right to cancel all or any bids without assigning any reason thereof. No personal query to be entertained.
**Sd./- Rituparna Mohapatra, OAS (I)**
**Block Development Officer, Ranpur**
OIPR-19124/11/0002/2122

No. CAD-1443 idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**
Tender Call Notice No. H.O./P&C/EST-E-1529/01/2020 V-I- 17007 Date: 05.10.2021
**NOTICE INVITING TENDER THROUGH e-Procurement**

**Name of the Work** :- Construction of Road from main entry to Plot No.-27 at Chhatabar Industrial Estate, Bhubaneswar (800 mtr. Length)
**Estimated Cost** :- Rs.89.06 lakh (apprx).
**Period of Completion** :- 03 (three) calendar months.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID No. PC-EST-E-22/ 2021-22 | 17.00 hours of 11.10.2021 | 17.00 hours of 26.10.2021 |

**Further details can be seen from the e-Procurement Portal www.Tendersorissa.gov.in.** Corrigendum if any will not be published in newspapers and can only be seen in the e-procurement portal **www.tenderorissa.gov.in** and **IDCO website www.idco.in**.
**Sd./- Chief General Manager (P&C), IDCO, Bhubaneswar**
OIPR-14003/11/0075/2122

## ବାଲାନ୍ସ ଆଡଭାଣ୍ଟେଜ ଫଣ୍ଡରେ ଆକ୍ସିସ୍‌ର ପ୍ରବେଶ

ଆକ୍ସିସ ମ୍ୟୁଚୁଆଲ ଫଣ୍ଡ ବାଲାନ୍ସ ଆଡଭାଣ୍ଟେଜ ଫଣ୍ଡ କ୍ଷେତ୍ରରେ ପ୍ରବେଶ କରିଛି। କମ୍ପାନୀ ଏହାର ପୁରୁଣା ଫଣ୍ଡ୍ ଆକ୍ସିସ ଡାଇନାମିକ ଇକ୍ୱିଟି ଫଣ୍ଡର ନାମ ପରିବର୍ତ୍ତନ କରି ନୂଆ ଆରମ୍ଭ କରିଛି। ଏହା ଏକ ଓପନ ଏଣ୍ଡେଡ୍ ଡାଇନାମିକ ସମ୍ପତ୍ତି ଆବଣ୍ଟନକାରୀ ଫଣ୍ଡ ଯାହା ଇକ୍ୱିଟି ଏବଂ ଫିକ୍ସଡ ଆୟକୁ ପରିଚାଳିତ କରୁଛି। ବଜାରର ସ୍ଥିତି ଅନୁସାରେ ଇକ୍ୱିଟିରେ ହୋଇଥିବା ନିବେଶକୁ ଏହା ପରିଚାଳନା କରୁଛି। ବଜାର ଅସ୍ଥିରତା ମୁକାବିଲା ଏବଂ ଦୀର୍ଘ ମିଆଦି ଭିତ୍ତିରେ ସମ୍ପତ୍ତି ସୃଷ୍ଟି କ୍ଷେତ୍ରରେ ଏହା କାର୍ଯ୍ୟ କରୁଥିବା କମ୍ପାନୀ କହିଛି।

**ସଂକ୍ଷେପରେ**

## ସିଇଏ ପଦ ଛାଡ଼ିବେ କେ.ଭି.ସୁବ୍ରମଣ୍ୟନ

ନୂଆଦିଲ୍ଲୀ, ୮।୧୦: ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭାବେ କାର୍ଯ୍ୟରତ କେ.ଭି ସୁବ୍ରମଣ୍ୟନ ତାଙ୍କ ପଦ ଛାଡିବେ। ତାଙ୍କର ୩ ବର୍ଷ କାର୍ଯ୍ୟକାଳ ଶେଷ ହେଉଥିବାରୁ ସେ ପଦ ଛାଡି ପୁଣି ଥରେ ଏକାଡେମିକ ଫିଲ୍ଡକୁ ଫେରିବେ ବୋଲି ଶୁକ୍ରବାର କହିଛନ୍ତି। ଏକ ଟୁଇଟ କରି ସେ ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ଦେଶ ସେବା କରିବାର ସୁଯୋଗ ମିଳିଥିବାରୁ ଅତ୍ୟନ୍ତ ଖୁସି। କାର୍ଯ୍ୟକାଳ ସମୟରେ ସମସ୍ତଙ୍କ ସହଯୋଗ ଏବଂ ଶୁଭକାମନା ପାଇଁ ଧନ୍ୟବାଦ ମଧ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ମଧ ଟୁଇଟ କରି ଆଗାମୀ ଦିନ କାର୍ଯ୍ୟପନ୍ଥା ଲାଗି ସୁବ୍ରମଣ୍ୟନଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଯୋଗଦାନକୁ ପ୍ରଶଂସା କରିଛନ୍ତି।

## ଏଏସ୍‌ବିଏମ୍‌ର ଶୁଭ ବିଦ୍ୟାରମ୍ଭ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୮।୧୦: ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୧-୨୨ ଶିକ୍ଷାବର୍ଷ ଲାଗି ବିଭିନ୍ନ ପାଠ୍ୟକ୍ରମର ଶୁଭ ବିଦ୍ୟାରମ୍ଭ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡେଲଏଟ ଇଣ୍ଡିଆର ଅଂଶୀଦାର ଏସ୍.ଭି.ନାଥନ ଯୋଗ ଦେଇଥିଲେ। କୁଳାଧକ୍ଷ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ୟୁନିଭର୍ସିଟି ଅଫ୍ ନଟିଂହାମର କଳା ଏବଂ ସମାଜ ବିଜ୍ଞାନ ଡିନ୍ ପ୍ରଫେସର ଜାସନ ପାଣ୍ଡିଆ ଉର୍ଡ, ପ୍ରଫେସର ଆଲ୍‌ବି ଆନନ୍ଦ କୁରିଆନ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଶ୍ୱଜିତ ପଟ୍ଟନାୟକ ନବାଗତ ଛାତ୍ରଛାତ୍ରୀ ମାନଙ୍କୁ ଅଭିନନ୍ଦିତ କରିବା ସହ ଛାତ୍ର ଜୀବନରେ ବିନମ୍ରତା, ସକାରାତ୍ମକ ମନୋଭାବ ଓ କର୍ମ ଉଦ୍ଦିପନାର ଆବଶ୍ୟକତାକୁ ଅତି ପ୍ରାଞ୍ଜଳଭାବେ ବୁଝାଇ ଦେଇଥିଲେ। କୁଳପତି ପ୍ରଫେସର କଲ୍ୟାଣ ଶଙ୍କର ରାୟ ସ୍ୱାଗତ ସମ୍ଭାଷଣ କରିଥିବାବେଳେ ସହ-କୁଳପତି ପ୍ରଫେସର ଫାଲଗୁ ନିରଞ୍ଜନା, ସହାୟକ ଡ଼ିନ୍ ଏକାଡେମିକ୍ ପ୍ରଫେସର ସରୋଜ କୁମାର ବିଶେ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

# ରେପୋ ରେଟ୍ ଅପରିବର୍ତ୍ତିତ

ମୁମ୍ବାଇ,୮।୧୦


ଶକ୍ତିକାନ୍ତ ଦାସ

- ୪% ସ୍ତରରେ ରେପୋ
- ଆଇଏମ୍‌ପିଏସ୍ ନେଣଦେଣ ସୀମା ୫ ଲକ୍ଷକୁ ବୃଦ୍ଧି
- ଅଫ୍‌ଲାଇନ ହେବ ଡିଜିଟାଲ ରିଟେଲ ପେମେଣ୍ଟ
- ଏନ୍‌ବିଏଫ୍‌ସି ଲାଗି ଅନ୍ତରୀଣ ଅମ୍ବୁଡ୍‌ସମ୍ୟାନ ସ୍କିମ୍

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ମୁଦ୍ରାନୀତି କମିଟି(ଏମ୍‌ପିସି) ରେପୋ ରେଟ୍(କେନ୍ଦ୍ରୀୟ ବ୍ୟାଙ୍କ ବ୍ୟାଙ୍କଗୁଡ଼ିକୁ ଯେଉଁ ହାରରେ ଋଣ ଦିଏ)କୁ ଶୁକ୍ରବାର ୪% ସ୍ତରରେ ଅପରିବର୍ତ୍ତିତ ରଖିଛି। ଲଗାତର ୮ଥର ଲାଗି ରେପୋରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଗଠିତ ୬ ସଦସ୍ୟ ବିଶିଷ୍ଟ ଏମ୍‌ପିସି ଏଭଳି ନିଷ୍ପତ୍ତି ଗ୍ରହଣ କରିଛି। ରିଭର୍ସ ରେପୋ (କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡିକ ଠାରୁ ଯେଉଁ ହାରରେ ଋଣ ନିଏ) ମଧ ୩.୫୫% ସ୍ତରରେ ଅପରିବର୍ତ୍ତିତ ରହିଛି। ଏମ୍‌ପିସିର ୫ ଜଣ ସଦସ୍ୟ ରେପୋ ଅପରିବର୍ତ୍ତିତ ରଖିବା ନେଇ ଭୋଟ ଦେଇଥିଲେ। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ଏବଂ ବଜାରର ଅଭିବୃଦ୍ଧିକୁ ସହାୟତା କରିବା ଲାଗି ଆର୍‌ବିଆଇ ଦୀର୍ଘ ମିଆଦୀ ଭିତ୍ତିରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି।

୨୦୨୦-୨୧ ଆର୍ଥିକ ବର୍ଷରେ ରିୟଲ ଜିଡିପି ଅଭିବୃଦ୍ଧି ଲକ୍ଷ୍ୟକୁ ଏହା ୯.୫% ରଖିଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଅଭିବୃଦ୍ଧି ୭.୯%, ତୃତୀୟ ତ୍ରୈମାସରେ ୬.୮% ଏବଂ ଚତୁର୍ଥ ତ୍ରୈମାସରେ ୬.୧% ରହିବ ବୋଲି ଆକଳନ କରାଯାଇଛି। ଆର୍ଥିକ ବର୍ଷ ୨୦୨୨-୨୩ ପ୍ରଥମ ତ୍ରୈମାସରେ ଦେଶର ରିୟଲ ଜିଡିପି ଅଭିବୃଦ୍ଧି ୧୭.୨% ସ୍ତର ଛୁଇଁବ। ୨୦୨୨-୨୩ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଖୁଚୁରା ମୁଦ୍ରାସ୍ଫୀତି ୫.୨% ରହିବା ନେଇ ଆକଳନ ହୋଇଛି। ବଜାରର ଅଭିବୃଦ୍ଧି ଦିଗରେ ବିଭିନ୍ନ କାରକ ଦୃଢ଼ ହେଉଥିବା ବେଳେ ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଆସୁଛି। ଆଗାମୀ ଦିନରେ ଖାଦ୍ୟ ଶସ୍ୟ ଉତ୍ପାଦନ ରେକର୍ଡ ଛୁଇଁବାକୁ ଥିବାରୁ ଖାଦ୍ୟ ମୁଦ୍ରାସ୍ଫୀତି କମିବ ବୋଲି ଶକ୍ତିକାନ୍ତ ଆଶାବାଦୀ ରହିଛନ୍ତି।

ଆର୍‌ବିଆଇ ଆଇଏମ୍‌ପିଏସ୍‌ର ନେଣଦେଣ ସୀମାକୁ ୨ରୁ ୫ ଲକ୍ଷକୁ ବଢ଼ାଇଛି। ବର୍ତ୍ତମାନ ଆର୍‌ଟିଜିଏସ୍ ସେବା ନିରନ୍ତର ହୋଇଛି। ଆଇଏମ୍‌ପିଏସ୍‌ର ସେଟେଲ୍‌ମେଣ୍ଟ ଏବଂ କ୍ରେଡିଟ ରିସ୍କ ହ୍ରାସ ହେଉଥିବାରୁ ଡିଜିଟାଲ ପେମେଣ୍ଟ ବୃଦ୍ଧି ଦିଗରେ ଏହା ସହାୟକ ହେବ ବୋଲି ଆର୍‌ବିଆଇ କହିଛି। ସାରା ଦେଶରେ ଅଫ୍‌ଲାଇନ ମୋଡ୍‌ରେ ରିଟେଲ ଡିଜିଟାଲ ପେମେଣ୍ଟ କାର୍ଯ୍ୟକାରୀ କରାଇବା ଲାଗି ବ୍ୟବସ୍ଥା ଆଣିବାକୁ ପ୍ରସ୍ତାବ ରହିଛି। ଇଣ୍ଟରନେଟ ସଂଯୋଗ ଧୀମା କିମ୍ବା ନ ଥିଲେ ସେଭଳି ସ୍ଥାନଗୁଡିକରେ ରିଟେଲ ଡିଜିଟାଲ ପେମେଣ୍ଟ କାର୍ଯ୍ୟକାରୀ କରାଇବା ଦିଗରେ ଏକ ଅଭିନବ ଟେକ୍ନୋଲୋଜି ଉପରେ ଆର୍‌ବିଆଇ ବର୍ତ୍ତମାନ ପରୀକ୍ଷଣ କରାଉଥିବା ଜଣାପଡ଼ିଛି। ଅଣ ବ୍ୟାଙ୍କ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି)ଗୁଡ଼ିକ ଲାଗି ଅନ୍ତରୀଣ ଅମ୍ବୁଡସମ୍ୟାନ ସ୍କିମ୍(ଆଇଓଏସ୍) କାର୍ଯ୍ୟକାରୀ କରାଇବା ଲାଗି ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ଏନ୍‌ବିଏଫ୍‌ସିଗୁଡିକର ଆଭ୍ୟନ୍ତରୀଣ ଅଭିଯୋଗ ସମାଧାନ ବ୍ୟବସ୍ଥା ଦୃଢ଼ୀକରଣ ହେବା ନେଇ କେନ୍ଦ୍ରୀୟ ବ୍ୟାଙ୍କ ଆଶାବାଦୀ ରହିଛି। ଯେଉଁ ଏନ୍‌ବିଏଫ୍‌ସି ଅଧିକ ସଂଖ୍ୟକ ଗ୍ରାହକଙ୍କ ସହ କାରବାର କରୁଛନ୍ତି ଉକ୍ତ କ୍ଷେତ୍ରରେ ନୂଆ ବ୍ୟବସ୍ଥା ଆସିବ। ସ୍ୱତନ୍ତ୍ର ଦୀର୍ଘ ମିଆଦୀ ରେପୋ ଅପରେଶନ(ଏସ୍‌ଏଲ୍‌ଟିଆର୍‌ଓ) କ୍ଷେତ୍ରରେ ସ୍ମଲ ଫାଇନାନ୍ସ ବ୍ୟାଙ୍କଗୁଡିକ ଚଳିତ ବର୍ଷ ଡିସେମ୍ବର ଶେଷ ଯାଏ ଭାଗ ନେଇପାରିବେ। ଏଥିରେ ଆଗାମୀ ୩ ବର୍ଷ ଲାଗି ୧୦ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

## ଉତ୍କଳ ଅଟୋମୋବାଇଲ୍ସରେ ଏକ୍ସୟୁଭି ୭୦୦ ଶୁଭାରମ୍ଭ



ଭୁବନେଶ୍ୱର, ୮।୧୦

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କମ୍ପାନୀର ନୂଆ ଏକ୍ସୟୁଭି ୭୦୦ ମଡେଲ ସ୍ଥାନୀୟ ଉତ୍କଳ ଅଟୋମୋବାଇଲ୍ସ ଶୋ'ରୁମ୍‌ରେ ଶୁଭାରମ୍ଭ ହୋଇଛି। ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ ସୌନକ ପାରିଖ, ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ କମ୍ପାନୀର ଅଧିକାରୀ ଉପସ୍ଥିତ ରହି ଯାନଟିକୁ ବଜାର ପ୍ରବେଶ କରାଯାଇଥିଲେ। ଏହି ଯାନଟି ବର୍ତ୍ତମାନ ସୁଦ୍ଧା ବୁକିଂରେ ରେକର୍ଡ କରିଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଉଭୟ ପେଟ୍ରୋଲ ଏବଂ ଡିଜେଲ ଇଞ୍ଜିନ ବିକଳ୍ପ ସହ ଏହା ଆସୁଛି। ଯାନଟିର ବଜାର ଦର ୧୨.୪୯ ଲକ୍ଷ ଟଙ୍କାରୁ ୨୨.୯୯ ଲକ୍ଷ ଟଙ୍କା ରହିଛି। ନିକଟସ୍ଥ ଡିଲରଶିପ ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମରେ ଏହା ବୁକିଂ କରାଯାଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

## ଲ ମ୍ୟାନପିଜିଏ ଆଣ୍ଡ ଇଣ୍ଟିଗ୍ରିଟିର ନୂଆ ଷ୍ଟୋର




କଟକ ଅଫିସ, ୮।୧୦

କେୱାଲ କିରନ କ୍ଲଥିଙ୍ଗ ଲିମିଟେଡ୍‌ର ଲୋକପ୍ରିୟ ବ୍ରାଣ୍ଡ ଲ ମ୍ୟାନପିଜିଏ ଆଣ୍ଡ ଇଣ୍ଟିଗ୍ରିଟିର ନୂଆ ଷ୍ଟୋର ସେକ୍ଟର୯, ଅଭିନବ ବିଡ଼ାନାସୀ, ମର୍କତନଗରରେ ଖୋଲିଛି। କମ୍ପାନୀର ବ୍ରାଣ୍ଡ ହେଡ୍ ହିମାଂଶୁ ପଣ୍ଡା, ତାପେଶ ଚତୁର୍ବେଦୀ, ପ୍ରକାଶ ମହାନ୍ତି, ପୁରୁଷୋତ୍ତମ ଅଗ୍ରୱାଲ, ଅଶୋକ ଅଗ୍ରୱାଲ ଏବଂ ଅଭିନାଶ ଛାପୋଲିଆ ପ୍ରମୁଖ ଉପସ୍ଥିତ ରହି ଏହାକୁ ଶୁଭାରମ୍ଭ କରିଥିଲେ। ନୂଆ ଷ୍ଟୋର ଦ୍ୱାରା ଓଡ଼ିଶାରେ କମ୍ପାନୀ ଏହାର ଉପସ୍ଥିତି ଦୃଢ କରିବାକୁ ଯୋଜନା ରଖିଛି। ଯୁବପିଢ଼ିଙ୍କ କାଜୁଆଲୱେର ଚାହିଦାକୁ ନଜରରେ ରଖି କମ୍ପାନୀ ଏହାର ପ୍ରଡକ୍ଟ ପ୍ରସ୍ତୁତ କରୁଛି। କମ୍ପାନୀ ଡେନିମ ଉପରେ ମଧ ଫୋକସ ରଖିଛି। ସାର୍ଟ, ଜ୍ୟାକେଟ, ଡେନିମ ଏବଂ କଟନ ଟ୍ରାଉଜର ଭଳି ବିଭିନ୍ନ ପ୍ରଡକ୍ଟ ଗ୍ରାହକ ଲାଭ କରିପାରିବେ। ସେହିଭଳି ଇଣ୍ଟିଗ୍ରିଟି ଗ୍ରାହକଙ୍କ ଚାହିଦାକୁ ସବୁବେଳେ ନଜରରେ ରଖିଛି। କେୱାଲ କିରନର ପେପି ଏବଂ କ୍ଲିଙ୍ଗି ବ୍ରାଣ୍ଡ ୨୦୦୨ରେ ବଜାର ପ୍ରବେଶ କରିଥିଲା। ୧୯୯୨ରେ କେୱାଲ କିରନ ସ୍ଥାପନ ହେବା ସହ ନିରନ୍ତର ସେବା ଯୋଗାଇ ଦେଉଛି। କିଲର, ଇଣ୍ଟେଗ୍ରିଟି, ଲମ୍ୟାନ ପିଜିଏ, ଇଜିଜ ଏବଂ ଦେଶୀ ବେଲି ଭଳି ବ୍ରାଣ୍ଡଗୁଡିକ ଏହା ମଧ୍ୟରେ ଆସୁଛନ୍ତି। ଦେଶର ୨୫ ରାଜ୍ୟ ଏବଂ ୨୦୯ ସହରରେ କମ୍ପାନୀ ଏହାର ସେବା ଯୋଗାଣ କରୁଛି। ୩୨୦ରୁ ଊର୍ଦ୍ଧ୍ୱ ଷ୍ଟୋର ଦ୍ୱାରା ଏହା ଉପସ୍ଥିତି ଜାହିର କରିଛି।

## ସାମନ୍ତରାପୁରରେ ଗୁପ୍ତାର ୨୫ତମ ଷ୍ଟୋର

ଭୁବନେଶ୍ୱର,୮।୧୦



ଚଳିତ ବର୍ଷର ପାର୍ବଣ ଅବସରରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ପକ୍ଷରୁ ଶୁକ୍ରବାର ଆଉ ଏକ ମେଗା ଫ୍ଲାଗସିପ୍ ଷ୍ଟୋର ସ୍ଥାନୀୟ ସାମନ୍ତରାପୁର ଛକ ଠାରେ ଶୁଭାରମ୍ଭ ହୋଇଯାଇଛି। ୧୪ହଜାର ବର୍ଗଫୁଟ ପରିସରରେ ନବନିର୍ମିତ ଏହି ଷ୍ଟୋରକୁ କମ୍ପାନୀର ସତ୍ତ୍ୱାଧିକାରୀ ରାଜେଶ କୁମାର ଗୁପ୍ତା ଏବଂ ତାଙ୍କ ଧର୍ମପତ୍ନୀ ଉଦଘାଟନ କରିଥିଲେ। ସାରା ରାଜ୍ୟରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଏହା ହେଉଛି ୨୫ତମ ଷ୍ଟୋର।

ବିଗତ ୫୦ବର୍ଷ ଧରି କଞ୍ଜୁମର ଇଲେକ୍ଟ୍ରୋନିକ୍ସ ବିକ୍ରୟ କ୍ଷେତ୍ରରେ ନିଜର ଆଧିପତ୍ୟ ବିସ୍ତାର କରିବା ସହ ସମଗ୍ର ପୂର୍ବଭାରତରେ ଏକ ପରିଚିତ ସଂସ୍ଥା ଭାବେ ବେଶ ସଫଳତା ଅର୍ଜନ କରିଛି। ଓଡ଼ିଶାର ଇଲେକ୍ଟ୍ରୋନିକ୍ସ ପ୍ରଡ଼କ୍ଟ, ବିକ୍ରୟ କ୍ଷେତ୍ରରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ସମସ୍ତ ଶୋ'ରୁମାନଙ୍କରେ କଞ୍ଜୁମର ଇଲେକ୍ଟ୍ରୋନିକ୍ସ, ହୋମ୍ ଆପ୍ଲିଆଏନ୍ସ, ଡ଼ିଜିଟାଲ ପ୍ରଡ଼କ୍ଟ, ଆଇଟି ପ୍ରଡକ୍ଟ , ମୋବାଇଲ୍ , ଏୟାର କୁଲର , ହୋମ ଫର୍ଣ୍ଣଚର ଆଦିର ସ୍ୱତନ୍ତ୍ର ଏବଂ ଅତ୍ୟାଧୁନିକ ଡ଼ିସପ୍ଲେ କରାଯାଇଛି। ରାଜ୍ୟର ଏକ ନମ୍ବର ଏସି ବିକ୍ରେତା ଭାବେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ଅନେକ ସମ୍ମାନର ସମ୍ମାନିତ ହୋଇଛି। ସେହିଭଳି ଏଠାରେ ବିଭିନ୍ନ ନାମିଦାମି କମ୍ପାନୀମାନଙ୍କର ଏୟାର କଣ୍ଡିସନରଗୁଡିକରେ ଆକର୍ଷଣୀୟ ରିହାତି ଓ କମ୍ ମୂଲ୍ୟ ସାଙ୍ଗକୁ ସହଜ କିସ୍ତିର ଆକର୍ଷଣୀୟ ଅଫର୍ ପ୍ରଦାନ କରୁଛି। ଏଠାରେ ଗ୍ରାହକ ବିଭିନ୍ନ ଆନ୍ତର୍ଜାତୀୟ ସ୍ତରର ହୋମ୍ ଆପ୍ଲାଏନ୍ସ, ଏଲଇଡ଼ି ଟିଭି, ଏୟାରକଣ୍ଡିସନର, କିଚେନ୍ ଆପ୍ଲାଏନ୍ସ, ଲାପଟପ୍ ଏବଂ ମୋବାଇଲ୍ ଇତ୍ୟାଦି ଗୋଟିଏ ଛାତ ତଳେ କିଣିବାର ସୁଯୋଗ ପାଇବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।

## ତ୍ୱରିତ ଡେଲିଭରିକୁ ଇ-କମର୍ସ କମ୍ପାନୀଙ୍କୁ ଗୁରୁତ୍ୱ

ନୂଆଦିଲ୍ଲୀ, ୮।୧୦

ପାର୍ବଣ ଋତୁରେ ଗ୍ରାହକମାନଙ୍କୁ ଭିନ୍ନ ଅନୁଭୂତି ପ୍ରଦାନ କରିବା ଲାଗି ଦେଶର ପ୍ରମୁଖ ଇ-କମର୍ସ କମ୍ପାନି ଆମାଜନ୍ ଓ ଫ୍ଲିପ୍‌କାର୍ଟ ପ୍ରୟାସ ଜାରି ରଖିଛନ୍ତି। ଗ୍ରାହକଙ୍କ ନିକଟରେ ଶୀଘ୍ର ଉତ୍ପାଦ ପହଞ୍ଚାଇବା ଲାଗି ଆମାଜନ୍ ଇଣ୍ଡିଆ ଏହାର ଫୁଲ୍‌ଫିଲ୍‌ମେଣ୍ଟ ସେଣ୍ଟର ଓ ଡେଲିଭରି ନେଟ୍‌ୱର୍କକୁ ସଶକ୍ତ କରିଛି। ସେହିପରି, ଫ୍ଲିପ୍‌କାର୍ଟ ପକ୍ଷରୁ ପାର୍ବଣକୁ ନଜରରେ ରଖି ସ୍ଥାୟୀ ମୂଲ୍ୟ ଶୃଙ୍ଖଳାର ବିସ୍ତାର କରାଯାଇଛି। ପାର୍ବଣ ଋତୁ ଉପଲକ୍ଷେ ଆମାଜନ ଇଣ୍ଡିଆ ପକ୍ଷରୁ ଦେଶରେ ଗ୍ରାହକମାନଙ୍କ ପାଇଁ ତ୍ରୁଟି ମୁକ୍ତ, ଦ୍ରୁତ ଏବଂ ସୁବିଧାଜନକ ସପିଙ୍ଗ ଅନୁଭୂତି ପ୍ରଦାନ କରିବା ପାଇଁ ଏହାର ଅପରେସନ ନେଟୱର୍କରେ ନିବେଶ ଏବଂ ସ୍ୱତନ୍ତ୍ର ଭାବେ ସମ୍ପ୍ରସାରଣ କରାଯାଇଛି ବୋଲି ଆମାଜନ୍ ଇଣ୍ଡିଆର ଉପସଭାପତି ଅଖିଲ ସକ୍‌ସେନା କହିଛନ୍ତି।


# ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



✓ ମନୋରମା ବେହେରା
ସ୍ୱାମୀ- ✓ ଇଂ. କୃଷ୍ଣ ଚନ୍ଦ୍ର ବେହେରା
ଧାନମଣ୍ଡଳ, ବ୍ରାହ୍ମଣସାଇଲୋ, ଗୋବିନ୍ଦପୁର, କଟକ
ଆବିର୍ଭାବ: ୦୨.୧୨.୧୯୫୨
ତିରୋଧାନ : ୧୨.୧୦.୨୦୧୮
ଚାହୁଁ ଚାହୁଁ ତୁମେ ଚାଲିଯିବାର ତିନିବର୍ଷ ପୂରିଗଲା। ତୁମର ସ୍ନେହ, ସତ୍ୟନିଷ୍ଠତା, ପରୋପକାରିତା, ନ୍ୟାୟପରାୟଣତା ଓ ଧାର୍ମିକ ଉପଦେଶ ଆମ୍ଭମାନଙ୍କୁ ସର୍ବଦା ମାର୍ଗଦର୍ଶନ କରୁଥାଉ। ତୁମେ ଯେଉଁଠି ଥାଅ ଭଲରେ ଥାଅ, ଏତିକି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ହତଭାଗ୍ୟ
ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୭୦୯୬୪

**ଦଶମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ପଦ୍ମଚରଣ ସାହୁ
Plot No-82 & 82/A SCR, Bapuji Nagar
ଆବିର୍ଭାବ: ୦୬।୦୪।୧୯୩୯
ତିରୋଧାନ: ୩୦।୦୯।୨୦୧୧
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର-ସୁରେନ୍ଦ୍ର କୁମାର ସାହୁ ଓ ପରିବାରବର୍ଗ।
ମୋ: ୭୫୦୪୬୭୮୯୦୧
ଧ-୨୧୮୯୫

**ପଞ୍ଚଦଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



✓ନିର୍ମଳା ମହାପାତ୍ର
ପ୍ଲଟ୍ ନଂ.- ୧୫୫୨, ମହାନଦୀ ବିହାର, କଟକ
ଆବିର୍ଭାବ- ୧୪।୦୨।୧୯୪୭
ତିରୋଧାନ- ୨୫।୦୯।୨୦୦୬
(ଆଶ୍ୱିନ ଶୁକ୍ଳ ତୃତୀୟା)
ଚାହୁଁ ଚାହୁଁ ବିତିଗଲା ପନ୍ଦର ବରଷ,
ତଥାପି ଝୁରୁଛୁ ଆମେ ଦିନ, ମାସ, ବର୍ଷ।
କେବେ ଫେରିବ ମର୍ତ୍ତ୍ୟକୁ ଚାହିଁଛି ଏ ଆଖି,
ଗୁମୁରି ଗୁମୁରି କାନ୍ଦେ ମନ ପ୍ରାଣ ପକ୍ଷୀ ।
-:ଶ୍ରଦ୍ଧାଞ୍ଜଳି ସହ:-
ସ୍ୱାମୀ: ଇଂ. ଯଦୁନାଥ ମହାପାତ୍ର,
ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ,
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୨୧୯୦୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ଭାନୁମତୀ ଜେନା (ଭାନୀ)
ଗ୍ରାମ: ପଟିଆଗଡ଼, ଭୁବନେଶ୍ୱର
ଆବିର୍ଭାବ: ୧୭।୦୬।୧୯୪୮
ତିରୋଧାନ: ୨୯।୦୯।୨୦୨୧
ମାଆ, ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠାପରତା ଆମ ଜୀବନର ଉତ୍ସ ହେଉ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଗୁରୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ପୂର୍ବତନ କାଉନ୍‌ସିଲର ସ୍ୱର୍ଗତ ସୀତାନାଥ ଜେନା (ବାବାଜୀ)ଙ୍କ ପତ୍ନୀ ✓ଭାନୁମତୀ (ଭାନୀ) ଭାଉଜ ରୂପେ ଏ ଅଞ୍ଚଳରେ ପରିଚିତ ଥିଲେ।
ଶୋକସନ୍ତପ୍ତ: ପୁତ୍ର: ପୃଥ୍ୱୀରାଜ ଜେନା, ବିଜୟରାଜ ଜେନା, ଅଧିରାଜ ଜେନା, ପୁତ୍ରବଧୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ, ବନ୍ଧୁ ପରିଜନ ଓ ଜେନା ପରିବାର ।
ଧ-୫୯୫୪୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



✓ସୁବ୍ରତ ପାଣି
ଆବିର୍ଭାବ: ୧୫।୦୪।୧୯୭୩
ତିରୋଧାନ: ୨୦।୦୯।୨୦୨୧
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା। ତୋର ଅନୁପସ୍ଥିତି ଆମ ପାଇଁ ଯନ୍ତ୍ରଣାଦାୟକ ପାଲଟିଯାଇଛି। କିନ୍ତୁ ଆମର ଏ ନୀରବ ଆର୍ତ୍ତନାଦ ତୁ କ'ଣ ଶୁଣିପାରୁଚୁ? ତୁ ଛାଡ଼ିଦେଇ ଯାଇଥିବା ସ୍ଥାନ ଅପୂରଣୀୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ।
ଶୋକସନ୍ତପ୍ତ: ନନା, ବୋଉ, ଧର୍ମପତ୍ନୀ ଭଉଣୀ, ଭିଣୋଇ, ଝିଅ (ମୁସ୍କାନ) ଓ ଭଣଜା (ଚିକୁ), ପରିବାରବର୍ଗ, ବନ୍ଧୁ, କିରଣ ଇଲେକ୍ଟ୍ରିକାଲସ୍‌ର ସମସ୍ତ କର୍ମଚାରୀ।
ଧ-୭୦୭୪୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ଡାକ୍ତର ନରସିଂହ ଚରଣ ଦାସ
(ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ)
ସବିତା ନିବାସ, ଜଗନ୍ନାଥ ମଠ ଲେନ, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୩୧.୧୨.୧୯୩୧
ତିରୋଧାନ: ୨୯.୦୯.୨୦୨୧
ଆପଣଙ୍କ ନିର୍ମଳ ହୃଦୟ, ଅମାୟିକ ବ୍ୟବହାର, ଶ୍ରଦ୍ଧା, ତ୍ୟାଗ ଏବଂ କର୍ତ୍ତବ୍ୟ ପରାୟଣତା ଆମର ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅନାବିଳ ସ୍ନେହ, ନିଷ୍ଠା ଓ ଆଦର୍ଶ ସବୁଦିନ ପାଇଁ ପ୍ରେରଣାର ଉତ୍ସ ହେଉ। ଇଷ୍ଟ ଦେବତା ଶ୍ରୀଗୋପାଳଜିଉ, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମାତା ଶ୍ରୀଲକ୍ଷ୍ମୀ ଙ୍କୁ ଭକ୍ତିପୂର୍ଣ୍ଣ ପ୍ରାର୍ଥନା ଆପଣଙ୍କ ପବିତ୍ର ଆତ୍ମା ଶାନ୍ତି, ସଦ୍‌ଗତି ଓ ମୁକ୍ତି ଲାଭ କରୁ।
:ବିନମ୍ର ଶ୍ରଦ୍ଧାଞ୍ଜଳି ସହ:
ପୁତ୍ର: ଲୁନାକ, ବାପୁ, ଆତୁ, ପୁତ୍ରବଧୂ: ସୁଜାତା, ସୁନନ୍ଦା, ସିଲୁ, କନ୍ୟା: ରାତା, ଜ୍ୱାଇଁ: ପ୍ରକାଶ, ନାତି: ଗୋଲିଡି, ଟିଙ୍କୁ, ସିଡ଼ନ୍ (ଟିଆ), ନାତୁଣୀ: ଶିତଲ, ପୁତୁଲ, ନାତୁଣୀ ବୋହୂ: ଅପର୍ଣ୍ଣା, ହାନା ଏବଂ ନାତୁଣୀ ଜ୍ୱାଇଁ ଆଶୁତୋଷ ଏବଂ ଆତ୍ମୀୟସ୍ୱଜନ।
ଧ-୨୧୯୦୪


**ଫୁରସତ୍**

## ଅନ୍‌ଲାଇନ ଡାକ କାରବାର ଉପରେ ବଢ଼ୁଛି ବିଶ୍ୱାସ

୧୮୭୪ ଅକ୍ଟୋବର ୯ରେ ୨୨ଟି ଦେଶ ସୁଇଜରଲାଣ୍ଡର ରାଜଧାନୀ ବର୍ନରେ ୟୁନିଭର୍ସାଲ ଡାକ ୟୁନିୟନ ଗଠନ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏହାପରେ ଜାପାନର ଟୋକିଓରେ ଅନୁଷ୍ଠିତ ୧୯୬୯ ସମ୍ମିଳନୀରେ ଅକ୍ଟୋବର ୯କୁ ବିଶ୍ୱ ଡାକ ଦିବସ ଭାବେ ପାଳନ ପାଇଁ ଘୋଷଣା କରାଯାଇଥିଲା। ଏହି ଦିବସ ପାଳନର ଉଦ୍ଦେଶ୍ୟ ଡାକ ସେବା ବିଷୟରେ ଅବଗତ କରାଇବା।୧୮୭୬ ଜୁଲାଇ ୧ରେ ଭାରତ ପ୍ରଥମ ଏସୀୟ ଦେଶ ଯିଏକି, ୟୁନିଭର୍ସାଲ ଡାକ ୟୁନିୟନର ସଦସ୍ୟ ହୋଇଥିଲା। ଜନସଂଖ୍ୟା ଏବଂ ଅନ୍ତର୍ଜାତୀୟ ମେଲ୍ ଟ୍ରାଫିକ ଆଧାରରେ ଭାରତ ପ୍ରଥମ ବର୍ଗର ସଦସ୍ୟ ରହିଆସିଛି। ଡାକ ନେଟ୍‌ୱର୍କରେ ହେଡ୍ ପୋଷ୍ଟ ଅଫିସ, ସବ୍ ପୋଷ୍ଟ ଅଫିସ, ଅତିରିକ୍ତ ବିଭାଗୀୟ ସବ୍ ପୋଷ୍ଟ ଅଫିସ ଏବଂ ଅତିରିକ୍ତ ବିଭାଗୀୟ ଶାଖା ଡାକଘର ସମାନ ଡାକ ସେବା ଯୋଗାଇଥାନ୍ତି। ତଥାପି ବିତରଣ କାର୍ଯ୍ୟ ନିର୍ଦ୍ଦିଷ୍ଟ ଡାକଘର ସହିତ ହୋଇଥାଏ। ଡାକ ସେବା ହେଉଛି ଯୋଗାଯୋଗର ପୁରାତନ ମାଧ୍ୟମ। ଆଜିର ଏହି ଡିଜିଟାଲ ଯୁଗରେ ଡାକସେବାରୁ ଯଦିଓ ଲୋକେ ଦୂରେଇ ଯାଇଛନ୍ତି ତଥାପି ଅନେକ କାମ ଏହି ଡାକ ମାଧ୍ୟମରେ କରାଯାଉଛି। ଦୀର୍ଘଦିନରୁ ସବୁଠାରୁ ନିର୍ଭରଯୋଗ୍ୟ ଏବଂ ଶସ୍ତା ମାଧ୍ୟମ ପାଲଟିଛି ଡାକସେବା। ଯୋଗାଯୋଗର ପୁରୁଣା ଉତ୍ସକୁ ମନେରଖିବା ପାଇଁ ଏହି ଦିବସ ପାଳନ କରାଯାଉଛି। ଡିଜିଟାଇଜେଶନ ଯୁଗରେ ବିଶ୍ୱର ଡାକ ବ୍ୟବସ୍ଥା ନିଜକୁ ନୂତନ ବୈଷୟିକ ସେବା ସହିତ ଜଡ଼ିତ କରିଛି। ମେଲ୍, ପାର୍ଶଲ, ଚିଠି ବିତରଣ ପାଇଁ ଏକ୍ସପ୍ରେସ ସେବା ଆରମ୍ଭ ହୋଇଛି। ଡାକ ବିଭାଗ ମଧ ଆର୍ଥିକ ସେବାକୁ ଆଧୁନିକ ଜ୍ଞାନକୌଶଳ ସହିତ ଯୋଡ଼ିଛି। ବର୍ତ୍ତମାନ ଲୋକେ ଅନଲାଇନ୍ ଡାକ କାରବାର ଉପରେ ମଧ ସେମାନଙ୍କର ବିଶ୍ୱାସ ବଢ଼ାଇଛନ୍ତି।



### ଆଜି ବିଶ୍ୱ ଡାକଦିବସ

## ଗୋଆରେ ଫ୍ଲାଟ୍ କିଣିଲେ ରଶ୍ମିକା



**ହାଇଦ୍ରାବାଦ:** ତେଲୁଗୁ ଫିଲ୍ମ 'ଗୀତା ଗୋବିନ୍ଦମ୍' ଜରିଆରେ ଲାଇମ୍ ଲାଇଟ୍‌କୁ ଆସିଥିଲେ ସୁନ୍ଦରୀ ଅଭିନେତ୍ରୀ ରଶ୍ମିକା ମନ୍ଦାନା। ତାଙ୍କର ଚୁଲବୁଲି ସ୍ୱଭାବ ସାଙ୍ଗକୁ ଅଭିନୟକୁ ଲୋକେ ବେଶ୍ ପସନ୍ଦ କରନ୍ତି। ଗୋଟିଏ ପରେ ଗୋଟିଏ ସୁପରହିଟ୍ ଫିଲ୍ମ ଭେଟି ଦେବା ଯୋଗୁ ତାଙ୍କର ଚାହିଦା ବଢ଼ିଛି। ଫିଲ୍ମ ପିଛା ମୋଟା ଅଙ୍କର ପାଉଣା ନେଉଛନ୍ତି ସେ। ଏବେ ମନ୍ଦାନା ଗୋଆରେ ନିଜର ଚତୁର୍ଥ ଘର କିଣି ଚର୍ଚ୍ଚାରେ ଅଛନ୍ତି। ଏହି ଘରର ଫଟୋ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ପୂର୍ବରୁ ରଶ୍ମିକା ହାଇଦ୍ରାବାଦ, ମୁମ୍ବାଇ ଏବଂ କୁର୍ଗରେ ଘର କିଣିଥିଲେ। ଏବେ ନିଜର ନୂଆ ଘର କିଣିବା ପରେ ଇନ୍‌ଷ୍ଟାଗ୍ରାମରେ ଫଟୋ ଶେୟାର କରିଛନ୍ତି। କର୍ନାଟକର ବାସିନ୍ଦା ରଶ୍ମିକା ଗତ ସେପ୍ଟେମ୍ବରରେ ହାଇଦ୍ରାବାଦର ଗାଚିବୋଉଲି ଅଞ୍ଚଳରେ ଏକ ଘର କିଣିଥିଲେ। ବଲିଉଡ୍ ଫିଲ୍ମ 'ମିଶନ ମଜନୁ' କରିବା ସମୟରେ ମୁମ୍ବାଇରେ ମଧ ସେ ଏକ ଆପାର୍ଟମେଣ୍ଟ କିଣିଥିଲେ।


**ଜନ୍ମଦିନର ଶୁଭେଚ୍ଛା**



ସ୍ନେହା ଶ୍ରୀ (ତିତିଲି)
ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର
ଆଜି ତୋର ୧୨ତମ ଜନ୍ମବାର୍ଷିକୀ ଅବସରରେ ସାଇବାବାଙ୍କ ଆଶିଷ କାମନା କରୁଛୁ। ତୋର ସମସ୍ତ ମନୋକାମନା ପୂରଣ ହେଉ ଏବଂ ତୋର ଜୀବନରେ ସୁଖ, ଶାନ୍ତି ଭରିଯାଉ।
ଶୁଭେଚ୍ଛା ସହ: ଅଜା, ଆଈ, ମମି, ଶ୍ରୀରାମ ମଉସା, ମାମା, ମାମୁ, ମାଇଁ, ସାଇ, ଶ୍ରଦ୍ଧା ଓ ଇଶାନ୍।
ଧ-୭୦୭୪୦

**ଜନ୍ମବାର୍ଷିକ ଶୁଭେଚ୍ଛା**



ଆଦ୍ୟା ଇଶାନୀ ପ୍ରଧାନ
କରଡ଼ା, ରଘୁନାଥପୁର, ନୟାଗଡ଼
ଆଜି ତୁମ ତୃତୀୟ ବାର୍ଷିକ ଜନ୍ମଦିନ ଅବସରରେ ଜଗତର ନାଥ ଜଗନ୍ନାଥଙ୍କ ପଦାରବିନ୍ଦରେ ତୁମର ଉଜ୍ଜ୍ୱଳମୟ ଭବିଷ୍ୟତ ପାଇଁ ପ୍ରାର୍ଥନା ଜଣାଉଛୁ।
ଶୁଭେଚ୍ଛା ସହ:
ପାପା, ମାମା, ପରିବାରବର୍ଗ ।
ଧ-୧୫୯୨୩

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**VISWAJANANI FINANCE**
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

**ନବରାତ୍ରୀ ଧମାକା**
ଶ୍ରୀ ବାଲାଜୀ ଫାଇନାନ୍ସରୁ ତୁରନ୍ତ ଋଣ ପାଆନ୍ତୁ ।
ଆଧାର କାର୍ଡ, ମାର୍କଶିଟ୍, ପର୍ସନାଲ, ଘର ଓ ଦୋକାନ ସବୁ ପ୍ରକାର ଋଣ
2% ସୁଧ, 50% ଛାଡ଼
(ସିଭିଲ ଡିଫଲ୍ଟର ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ)
9453589979

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ପ୍ରଶାସନର ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ**

ସାଲେପୁର,(ଡି. ଏନ.ଏ): ୪ ଦଫା ଦାବିରେ ସାଲେପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାରଠାରୁ ୫ ପଞ୍ଚାୟତର ଚାଷୀମାନେ ଧାରଣା ଦେଇଥିଲେ। ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପରେ ଶୁକ୍ରବାର ଏହି ଧାରଣା ପ୍ରତ୍ୟାହୃତ ହୋଇଯାଇଛି। ପ୍ରଶାସନ ପକ୍ଷରୁ ବାବୁରାମ ମୁର୍ମୁ ଧାରଣାକାରୀଙ୍କ ନିକଟରେ ପହଞ୍ଚି ଆଲୋଚନା କରିଥିଲେ। ସାଲେପୁର ତହସିଲଦାର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଉପସ୍ଥିତ ଥିଲେ। ଖୁବ୍‌ଶୀଘ୍ର ଦାବିଗୁଡିକୁ ପୂରଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଧାରଣାରେ ରାଇସୁଙ୍ଗୁଡା, ପିକୋଳ, ମିର୍ଜାପୁର, ସିଡୋ ଓ ଛାଣିପୁର ପଞ୍ଚାୟତର ଚାଷୀମାନେ ସାମିଲ ହୋଇଥିଲେ। ବେଣୁଧର ପ୍ରଧାନ, ସଞ୍ଜୟ ନାୟକ, କିଶୋରଚନ୍ଦ୍ର ନାୟକ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

# ଚଢ଼ାଉ ନାହିଁ, ଓଜନରେ ଠକେଇ ବଢ଼ୁଛି

କଟକ ଅଫିସ, ୮।୧୦

ରାଜ୍ୟରେ ଏବେ ନକଲି ସାମଗ୍ରୀଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଠକେଇ ଚାଲିଛି। ବିଶେଷକରି କିଛି ଲାଭଖୋର ମନୋବୃତ୍ତିର ବ୍ୟବସାୟୀ ଓଜନ ଓ ମାପରେ ଲୋକଙ୍କୁ ଠକି ଚାଲିଛନ୍ତି। ଓଜନ ଓ ମାପ ବିଭାଗର ନିୟମିତ ଚଢ଼ାଉ ହେଉ ନ ଥିବାରୁ ଅସାଧୁ ବ୍ୟବସାୟୀଙ୍କ ଉପରେ ଲଗାମ ଲଗାଯାଇପାରୁ ନାହିଁ। ଫଳରେ ଅସାଧୁ ବ୍ୟବସାୟୀଙ୍କ ଠକାମି ପ୍ରବୃତ୍ତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କଟକ ଜିଲାରେ ଏଭଳି ଠକେଇ ବଢ଼ିବାରେ ଲାଗିଛି। ସାଧାରଣ ଲୋକେ ମାଛ, ମାଂସ ଠାରୁ ଆରମ୍ଭ କରି ଡାଲି, ଚାଉଳ, ସୁନାରୁପାର ଓଜନରେ ଠକେଇର ଶିକାର ହେଉଛନ୍ତି। ଏପରିକି ସହରର ବହୁ ପେଟ୍ରୋଲ ପମ୍ପରେ ମଧ ମାପ କମ୍ କରି ଠକୁଥିବାର ସାଧାରଣରେ ଅଭିଯୋଗ ହେଉଛି। ଅପରପକ୍ଷରେ ଆବଶ୍ୟକତା ଠାରୁ କମ୍ ଅଧିକାରୀ ଓ କର୍ମଚାରୀ ଥିବାରୁ ନିୟମିତ ଚଢ଼ାଉ କରିବା ସମ୍ଭବ ହୋଇ ପାରୁ ନାହିଁ ବୋଲି ବିଭାଗ ପକ୍ଷରୁ ସଫେଇ ଦିଆଯାଉଛି।

ମିଳିଥିବା ତଥ୍ୟ ଅନୁଯାୟୀ, କଟକ ମାପ ଓ ଓଜନ ବିଭାଗରେ କଟକ ସହର, ଜଗତପୁର, ଆଠଗଡ଼ ଓ ବାଙ୍କୀକୁ ମିଶାଇ ମୋଟ ୭ଟି ଇନ୍ସପେକ୍ଟର ପଦବୀ ରହିଛି। ହେଲେ ବର୍ତ୍ତମାନ ୭ଜଣରୁ ମାତ୍ର ୪ଜଣ ଇନ୍ସପେକ୍ଟର ରହିଛନ୍ତି। ଏପରି କି ଏହି ୪ ଜଣଙ୍କ ମଧ୍ୟରୁ ଜଣେ ଏବେ ତିନି ମାସ ପାଇଁ ଛୁଟିରେ ରହିଛନ୍ତି। କଟକ ଓଜନ ଓ ମାପ ବିଭାଗର ମୁଖ୍ୟ ଡେପୁଟି କଣ୍ଟ୍ରୋଲର ପଦ ମଧ ଖାଲି ପଡ଼ିଛି। ଜଗତ୍‌ସିଂହପୁର ଜିଲାର ଡେପୁଟି କଣ୍ଟ୍ରୋଲର କଟକ ଜିଲା ଦାୟିତ୍ୱରେ ରହିଛନ୍ତି। ବିଭାଗ ଏବେ ତିନି ଜଣ ଇନ୍ସପେକ୍ଟରଙ୍କୁ ନେଇ କାମ ଚଳାଉଥିବାରୁ ଅସାଧୁ ଲାଭଖୋର ବ୍ୟବସାୟୀ ଲୋକଙ୍କୁ ନିୟମିତ ଠକି ଚାଲିଛନ୍ତି। ତେବେ ଏହାକୁ ନେଇ ଡେପୁଟି କଣ୍ଟ୍ରୋଲର ହରିଶଙ୍କର ପଟ୍ଟନାୟକ କହିଛନ୍ତି, ଆମର ଆବଶ୍ୟକତା ଠାରୁ କମ୍ କର୍ମଚାରୀ ରହିଛନ୍ତି। କଟକ ଓଜନ ଓ ମାପ ବିଭାଗର ମୁଖ୍ୟ ଡେପୁଟି କଣ୍ଟ୍ରୋଲର ପଦ ଏଇ ମାସରେ ପୂରଣ କରାଯିବ। ଅନ୍ୟ ପଦବୀଗୁଡ଼ିକ ମଧ୍ୟ ଶୀଘ୍ର ପୂରଣ କରିବାକୁ ଚେଷ୍ଟା ଜାରି ରହିଛି। କରୋନା କାରଣରୁ ଗତ ଫେବୃୟାରୀରେ ଶେଷଥର ପାଇଁ ଚଢ଼ାଉ କରାଯାଇଥିଲା। ସ୍ଥାନୀୟ ଚାନ୍ଦିନୀଚୌକ ନିବାସୀ ସୁଧୀର ପଟ୍ଟନାୟକ କହିଛନ୍ତି, ଆମେ ଏ ପର୍ଯ୍ୟନ୍ତ ଜାଣିନୁ ଓଜନ ଓ ମାପରେ ଠକେଇ ହେଲେ କାହାକୁ ଅଭିଯୋଗ କରାଯିବ । ତେବେ ଗତ ଦିନରେ କଟକ ମହାନଗର ନିଗମ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଅପମିଶ୍ରିତ ସାମଗ୍ରୀ ଜବତ କରାଯାଇଥିଲା। ସେହିପରି ଯଦି ଓଜନ ଓ ମାପ ବିଭାଗ ପକ୍ଷରୁ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକ ଉପରେ ଚଢ଼ାଉ କରାଯାଆନ୍ତା, ତେବେ ଗ୍ରାହକ ଉପକୃତ ହୁଅନ୍ତେ।



**ଷୋଳପୂଜା ଅବସରରେ** ▶ ମା' କଟକଚଣ୍ଡୀଙ୍କ ଷୋଡ଼ଶୀ ବେଶ। ମା' ଗଡ଼ଚଣ୍ଡୀଙ୍କ ବଗଳାମୁଖୀ ବେଶ। ମା' ଝାଞ୍ଜିରୀମଙ୍ଗଳାଙ୍କ ଗାୟତ୍ରୀ ବେଶ। ମା' ବାସନ୍ତୀ ଦୁର୍ଗାଙ୍କ ମାହେଶ୍ୱରୀ ବେଶ। ମା' ଧାକୁଲେଇଙ୍କ ଅନ୍ନପୂର୍ଣ୍ଣା ବେଶ।

## ସଂକ୍ଷେପରେ

### ସତ୍କାର ପାଇଁ ନେବାବେଳେ ମହିଳାଙ୍କ ମୃତଦେହ ଜବତ

କଣ୍ଟାପଡା, ୮।୧୦(ଡି.ଏନ୍.ଏ.): ଗୋବିନ୍ଦପୁର ଥାନା ଅନ୍ତର୍ଗତ ପୂର୍ବପାରୀ ଧାନମଣ୍ଡଳ ଗ୍ରାମର ଜଣେ ମହିଳାଙ୍କ ମୃତଦେହକୁ ଶାଶୁଘର ଲୋକ ଶୁକ୍ରବାର ମଶାଣୀରେ ସତ୍କାର କରିବାକୁ ନେବାବେଳେ ପୋଲିସ ଜବତ କରିଥିଲା। ପରେ ତାହାକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୧୧/୨୧) ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଧାନମଣ୍ଡଳ ଗ୍ରାମର ଅମୀୟ ତ୍ରିପାଠୀଙ୍କ ସ୍ତ୍ରୀ ସୁମିତ୍ରା ଗୁରୁବାର ସନ୍ଧ୍ୟାରୁ ଘରୁ କେଉଁଆଡେ ଚାଲି ଯାଇଥିଲେ। ଶୁକ୍ରବାର ତାଙ୍କର ମୃତଦେହ କନ୍ଦଳନଦୀର କୁଶୁନପୁର ନିକଟରେ ଭାସୁଥିଲା। ଖବରପାଇ ପରିବାର ଲୋକେ ମୃତଦେହ ଉଦ୍ଧାର କରି ଆଣିଥିଲେ। ତେବେ ପୋଲିସକୁ ନ ଜଣାଇ ମଶାଣିରେ ମୃତଦେହ ସତ୍କାର ପାଇଁ ଉଦ୍ୟମ କରୁଥିବାବେଳେ ପୋଲିସ ପହଞ୍ଚି ତାହାକୁ ଜବତ କରିଥିଲା।

### ପେନ୍‌ଥେରାପି ଶୀର୍ଷକ ଆଲୋଚନାଚକ୍ର

କଣ୍ଟାପଡା,୮।୧୦(ଡି.ଏନ୍.ଏ.): କଣ୍ଟାପଡ଼ା ବ୍ଲକ ଅଧୀନ ଦଧୀଚି ଫାର୍ମାସୀ କଲେଜ ପରିସରରେ ପେନ୍ ଥେରାପି ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁମ୍ବାଇ ସ୍ଥିତ ଆଲିଭେଟ୍ ପେନ୍ ସେଣ୍ଟରର ମୁଖ୍ୟ ପରିଚାଳକ ସ୍ୱାଗତେଶ ପ୍ରିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶରୀରର ଯନ୍ତ୍ରଣାରୁ ତୁରନ୍ତ ମୁକ୍ତି ପାଇବା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଦଧୀଚିର ମୁଖ୍ୟ ପରିଚାଳକ ଡ. ମନୋଜ କୁମାର ଦାଶ, ଫାର୍ମାସୀ କଲେଜ ଅଧକ୍ଷ ରଜତ କର ପ୍ରମୁଖ ଉପସ୍ଥିତ ଥିଲେ।

### କୃଷି ରଥ ଉଦ୍‌ଘାଟିତ

କଣ୍ଟାପଡା,୮।୧୦(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ କୃଷି ବିଭାଗ କାର୍ଯ୍ୟାଳୟଠାରେ କୃଷିରଥ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଏହି ରଥ କଣ୍ଟାପଡା ବ୍ଲକର ୧୪ଟି ପଞ୍ଚାୟତ ପରିକ୍ରମା କରିବା ସହ ବିଭିନ୍ନ ଯୋଜନା ସମ୍ପର୍କରେ କୃଷକମାନଙ୍କୁ ସଚେତନ କରିବ। ଏହି କାର୍ଯ୍ୟକ୍ରମରେ କଣ୍ଟାପଡା ବ୍ଲକ ଆତ୍ମା ଅଧକ୍ଷ ନକୁଳ ରାଉତରାୟ, ଜଗତ୍‌ସିଂହପୁର ଏମ୍‌ପିଙ୍କ ନୋମିନି ବିମାନ ବିହାରୀ ବେହେରା, ବ୍ଲକ କୃଷି ଅଧିକାରୀ ଜେମାମଣି ବିଭୂତି ଭୂଷଣ ରୟ, ସତ୍ୟରଞ୍ଜନ କାଠୁଆ, ଶିଶିର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶର ଅଭିବୃଦ୍ଧି ପାଇଁ ଅଧିକ କର ସଂଗ୍ରହକୁ ଗୁରୁତ୍ୱ

କଟକ ଅଫିସ, ୮।୧୦

**ଆଜାଦୀ କା ଅମୃତ ମହୋତ୍ସବ**

କଟକ ସେଲ୍‌ଟର ଛକସ୍ଥିତ ଆୟକର ଭବନ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି ସଞ୍ଜୟ କୁମାର ନାୟକ ଯୋଗଦେଇ ଦେଶର ଅଭିବୃଦ୍ଧି ନିମନ୍ତେ ଅଧିକ କର ସଂଗ୍ରହ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଟକ କ୍ଲବ ସଭାପତି ଡ. ସଂଯୁକ୍ତା ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଓ ଆୟକର ବିଭାଗ ସହ ସଂଶ୍ଳିଷ୍ଟ ଥିବା ଅବସରପ୍ରାପ୍ତ ମୁଖ୍ୟ ଆୟକର ଆୟୁକ୍ତ ସ୍ୱରାଜ କୁମାର ମହାନ୍ତି, ଆୟକର ଅଧିକାରୀ କୁମୁଦ ଚନ୍ଦ୍ର ପଟ୍ଟନାୟକ, କାର୍ଯ୍ୟାଳୟ ଅଧୀକ୍ଷକ ଭାବଗ୍ରାହୀ ମିଶ୍ର, ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ଡ. ବିଜୟାନନ୍ଦ ସିଂ, ସମାଜର କାର୍ଯ୍ୟକାରୀ ସମ୍ପାଦକ ସୁଶାନ୍ତ ମହାନ୍ତି, ଫୁଟବଲ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ, ରସଗୋଲା ବ୍ୟବସାୟୀ ପ୍ରଶାନ୍ତ କର, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧକ୍ଷ କୁନା ତ୍ରିପାଠୀ ଏବଂ ଅଭିନେତ୍ରୀ ଲିପି ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଆୟକର କମିଶନର ମନୋରଞ୍ଜନ ପାଣିଗ୍ରାହୀଙ୍କ ମାର୍ଗଦର୍ଶନରେ ଆୟୋଜିତ ସଭାରେ ଯୁଗ୍ମ ଆୟକର ଆୟୁକ୍ତ ଡ. ଉମାକାନ୍ତ ଧୁପତି ସ୍ୱାଗତ ଭାଷଣ ଓ ଆୟକର ଅଧିକାରୀ ରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏଥିରେ ଅତିରିକ୍ତ ଆୟକର ଆୟୁକ୍ତ ଜିତେନ୍ଦ୍ର ଲେଙ୍କା, ଅରୁଣ କୁମାର ମହାନ୍ତି, ସହାୟକ ଆୟକର ଆୟୁକ୍ତ ପ୍ରଦୀପ ସିଂ, ଆୟକର ଅଧିକାରୀ କ୍ଷିତୀଶ ମହାନ୍ତି, ପ୍ରମୋଦ ସାହୁ, ଚଣ୍ଡୀପ୍ରସାଦ ପଟ୍ଟନାୟକ, ଆଇଟିଆର୍‌ସି ସେକ୍ରେଟାରୀ ମହମ୍ମଦ ନଜରୁଲ ଇସ୍‌ଲାମ ଓ ଆୟକର ନିରୀକ୍ଷକ ଶିବ ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ ପାଳନ ଅବସରରେ ପୂର୍ବାହ୍ନରେ ଆୟୋଜିତ ସ୍ୱାସ୍ଥ୍ୟ ସଚେତନା ସମ୍ପର୍କିତ ପଦଯାତ୍ରାକୁ ବିଧାୟକ ମହମ୍ମଦ ମୋକିମ ଶୁଭାରମ୍ଭ କରିଥିଲେ।

# ବର୍ଷା ନାହିଁ, ପାଣି ନିଷ୍କାସନ ପାଇଁ ଚାଲୁଛି ପମ୍ପ

କଟକ ଅଫିସ, ୮।୧୦

**ଇନ୍ଧନ ବାବଦକୁ ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା**

କଟକ ସହରରେ ବର୍ଷା ଜଳ ନିଷ୍କାସନ ପାଇଁ ୧୭୦ ପାଣିପମ୍ପ ବ୍ୟବହାର କରାଯାଇଥାଏ। ସେଥିମଧ୍ୟରୁ କିଛି ପମ୍ପ କଟକ ମହାନଗର ନିଗମ(ସିଏମ୍‌ସି)ର ରହିଥିବାବେଳେ ବାକିଗୁଡିକ ଅଗ୍ନିଶମ ବିଭାଗ ଓ ଜାଇକାର ରହିଛି। ଏହା ଚାଲିବା ପାଇଁ ଆବଶ୍ୟକ ଇନ୍ଧନ ସିଏମ୍‌ସି ଯୋଗାଇଥାଏ। ତେବେ ୧୦ଦିନ ହେବ ସହରରେ ବର୍ଷା ହୋଇ ନ ଥିବାବେଳେ ପ୍ରତିଦିନ ଜଳ ନିଷ୍କାସନ ପାଇଁ ପାଣିପମ୍ପ ଚାଲୁଛି ଓ ଡବଲ କୁପନ ଇସ୍ୟୁ କରାଯାଉଛି ବୋଲି ଆମ୍ବେଦକର ସ୍ମୃତି ପରିଷଦ ସଭାପତି ସୁକାନ୍ତ ସେଠୀ ଅଭିଯୋଗ କରିଛନ୍ତି। ଏ ନେଇ ପରିଷଦ ପକ୍ଷରୁ ସିଏମ୍‌ସି କମିଶନରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ସହରରେ ବର୍ଷା ନ ଥିବାବେଳେ କେଉଁ ସ୍ଥାନରେ କେତୋଟି ପମ୍ପ ମାଧ୍ୟମରେ ଜଳ ନିଷ୍କାସନ କରାଯାଉଛି, ତାହାର ବିବରଣୀ ସାର୍ବଜନୀନ କରାଯାଉ। ଅନ୍ୟପକ୍ଷରେ ସିଏମ୍‌ସି ୫୭ନଂ. ୱାର୍ଡର ମୁଖ୍ୟରାସ୍ତାରେ ନର୍ଦ୍ଦମା ପାଣି ପ୍ରବାହିତ ହେଉଥିବାରୁ ଗୋପାଳପୁର ମାଷ୍ଟର କଲୋନୀବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୫୬ନଂ. ୱାର୍ଡ ପାଇକସାହି ଅଣ୍ଡରପାସ, ୫୮ନଂ. ୱାର୍ଡ ଅଣ୍ଡରପାସରେ ବହୁ ଦିନଧରି ପାଣି ରହିଥିଲେ ମଧ କାହିଁକି ପମ୍ପ ବ୍ୟବହାର କରାଯାଉନାହିଁ, ତାହାର ତଦନ୍ତ କରାଯାଉ। ବର୍ଷା ନ ଥିବାବେଳେ ପାଣିପମ୍ପ ଚାଲିବା ପାଇଁ ଇନ୍ଧନ ବାବଦକୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିବା ସେଠୀ ଅଭିଯୋଗ କରିଛନ୍ତି। ଏ ନେଇ ସିଏମ୍‌ସିର ନିର୍ବାହୀଯନ୍ତ୍ରୀ-୨ ଦିବ୍ୟରଞ୍ଜନ ତ୍ରିପାଠୀ କହିଛନ୍ତି, ଅଣ୍ଡରପାସ୍‌ରେ ଜମା ହୋଇଥିବା ପାଣି ପାଇଁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଦାୟୀ। ତେବେ ଏ ନେଇ ଅଭିଯୋଗ ଆସିଲେ ଆମେ ଜଳ ନିଷ୍କାସନ ପାଇଁ ପଦକ୍ଷେପ ନେବୁ। ଅନ୍ୟପକ୍ଷରେ ସିଏମ୍‌ସିର ତେଲ କୁପନ ଇସ୍ୟୁ ଦାୟିତ୍ୱରେ ଥିବା ଯନ୍ତ୍ରୀ ସ୍ୱାଗତିକା ମହାନ୍ତି କହିଛନ୍ତି, ଯେଉଁ ୱାର୍ଡ଼ରେ ପମ୍ପ ଚାଲିବା ଆବଶ୍ୟକ ରହିଛି, ସେହି ୱାର୍ଡ଼ର ଜେଇ ଲେଖିକି ଦେବା ପରେ ତେଲ କୁପନ ପ୍ରଦାନ କରାଯାଉଛି। ତେଣୁ ସେଠାରେ ପମ୍ପ ଚାଲିବା ଆବଶ୍ୟକ କି ନାହିଁ ତାହା ତଦାରଖ କରିବା ତାଙ୍କର ଦାୟିତ୍ୱ । ଏ ସମ୍ପର୍କରେ ଅଧିକ ସୂଚନା ସେମାନେ ଦେଇପାରିବେ।

### ଗ୍ୟାଙ୍ଗଷ୍ଟର ରାଜା ଆଚାର୍ଯ୍ୟଙ୍କ ପିଟିଶନ ଖାରଜ

**ଏନ୍‌ଏସ୍‌ଏ ଅଟକ ସମ୍ପର୍କିତ ମାମଲା**

କଟକ ଅଫିସ,୮।୧୦

୨୦୨୦ ଡିସେମ୍ବର ୧୮ରେ ପୋଲିସ କମିଶନର ଝାରପଡା ଜେଲରେ ଥିବା ଗ୍ୟାଙ୍ଗଷ୍ଟର ରାଜା ଆଚାର୍ଯ୍ୟଙ୍କୁ ଜାତୀୟ ନିରାପତ୍ତା ଆଇନ(ଏନ୍‌ଏସ୍‌ଏ)ରେ ଅଟକ ରଖିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାକୁ ଡିସେମ୍ବର ୨୮ରେ ରାଜ୍ୟ ଗୃହ ବିଭାଗ ମଞ୍ଜୁର କରିଥିଲା। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ରାଜା ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣିକରି ଆବେଦନକୁ ଖାରଜ କରିଦେଇଛନ୍ତି। ମାମଲାର ଶୁଣାଣିବେଳେ ସରକାରୀ ଓକିଲ ଜେ.କଟିକିଆ ଓ ପି.କେ. ପାତ୍ରୀ ଦର୍ଶାଇଥିଲେ, ୨୦୨୦ ଅକ୍ଟୋବର ୧୭ରେ ଆବେଦନକାରୀ ଓ ତାଙ୍କ ସହଯୋଗୀମାନେ ଭୁବନେଶ୍ୱର ୟୁନିଟ୍-୨ରେ ଦାଦାବଟି ଆଦାୟ କରୁଥିଲେ। ଏହି ସମୟରେ ସେମାନେ ଲୋକଙ୍କୁ ନିଜର ପୂର୍ବ କାରନାମା ସମ୍ପର୍କରେ ମନେପକାଇ ଆତଙ୍କ ଖେଳାଇଥିଲେ। ଏନେଇ କ୍ୟାପିଟାଲ ଥାନା ପୋଲିସ ମାମଲା ରୁଜୁ କରି ରାଜାଙ୍କୁ ଗିରଫ କରିଥିଲା। ପରେ ତାଙ୍କ ନାମରେ ଏନ୍‌ଏସ୍‌ଏ ଲାଗୁ ହୋଇଥିଲା। ଆବେଦନକାରୀଙ୍କ ଓକିଲ ଶିବଶଙ୍କର ମିଶ୍ର ଦର୍ଶାଇଥିଲେ, ୨୦୨୦ ଅକ୍ଟୋବର ୧୭ ତାରିଖ ମାମଲା ବ୍ୟତୀତ ୨୦୧୭ ପର୍ଯ୍ୟନ୍ତ ରାଜାଙ୍କ ନାମରେ କୌଣସି ମାମଲା ନାହିଁ। ଗୋଟିଏ ମାମଲାରେ ଏନ୍‌ଏସ୍‌ଏ ଲାଗୁ କରାଯାଇପାରିବନାହିଁ। ଏହାଦ୍ୱାରା ଭାରତୀୟ ସମ୍ବିଧାନର ଧାରା ୨୨(୫) ଉଲ୍ଲଂଘନ ହେଉଛି।

### ଋଣ ସଂଯୋଗୀକରଣ ଗ୍ରାହକ ମେଳା

କଟକ ଅଫିସ,୮।୧୦

କଟକ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟରେ ଋଣ ସଂଯୋଗୀକରଣ ଗ୍ରାହକ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ଜନସାଧାରଣଙ୍କ ସର୍ବାଙ୍ଗୀନ ଉନ୍ନତି ଏବଂ ଗ୍ରାହକମାନଙ୍କୁ ସୁବିଧାସୁଯୋଗ ଯୋଗାଇ ଦେବାକୁ ବ୍ୟାଙ୍କ ଅଧିକାରୀଙ୍କୁ ଉପଦେଶ ଦେଇଥିଲେ। ରାଜ୍ୟ ବ୍ୟାଙ୍କ ସମୂହର ପ୍ରମୁଖ ଅରୂପାନନ୍ଦ ଜେନା ଋଣ ପ୍ରଦାନ ପାଇଁ ବ୍ୟାଙ୍କଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୧୪୪୩ ଜଣ ହିତାଧିକାରୀଙ୍କୁ ମୋଟ୍ ୪୫ କୋଟି ୭୦ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି। ଏଥିରେ ଡିଆର୍‌ଡିଏ ପିଡି ଅମ୍ବର କର, ନାବାର୍ଡର ଜିଲା ଉନ୍ନୟନ ପ୍ରବନ୍ଧକ ସିଦ୍ଧାର୍ଥ ଶଙ୍କର ପଣ୍ଡା, ଏମ୍‌ଏସ୍‌ଏମ୍‌ଇ ଉପ ନିର୍ଦ୍ଦେଶକ ଜଗଦୀଶ ସାହୁ, ସୁକାନ୍ତ ଛାଟୋଇ, ରାଜୀବ ମିଶ୍ର, ଆଲୋକେଶ ମହାପାତ୍ର , ସତ୍ୟନାରାୟଣ ରାଉତ, ଅରକ୍ଷିତ ନାୟକ ଉପସ୍ଥିତଥିଲେ।

### ୩ ମାଟ୍ରିକ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

ଟାଙ୍ଗୀ(କଟକ), ୮।୧୦(ଡି.ଏନ.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ୩ ଜଣ ମାଟ୍ରିକ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ମାଟ୍ରିକ ପରୀକ୍ଷାରେ ଉକ୍ତ ସ୍କୁଲରେ ପ୍ରଥମ ହୋଇଥିବା ପ୍ରିୟଙ୍କା ପ୍ରିୟଦର୍ଶିନୀ, ଦ୍ୱିତୀୟ ହୋଇଥିବା ସତ୍ୟପ୍ରକାଶ ମହାରଣା ଓ ତୃତୀୟ ସ୍ଥାନ ହାସଲ କରିଥିବା ଦ୍ରୌପଦୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମେଘମାଳା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ ଚୌଧୁରୀ ହେମନ୍ତ କୁମାର ସାହୁ ଯୋଗଦେଇଥିଲେ। ଉକ୍ତ ବିଦ୍ୟାଳୟର ପ୍ରଥମ ପ୍ରଧାନଶିକ୍ଷକ ସ୍ୱର୍ଗତ ବୀର କିଶୋର ସାହୁଙ୍କ ସ୍ମୃତିରେ ତାଙ୍କ ସ୍ତ୍ରୀ ଶାନ୍ତିଲତା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ବିବେକ ରଞ୍ଜନ ସାହୁ ସଭା ପରିଚାଳନା କରିଥିଲେ। ପ୍ରଫୁଲ୍ଲ ବେହେରାଙ୍କ ସହିତ ଅଭିଭାବକମାନେ ଉପସ୍ଥିତ ଥିଲେ।

### 'ମାତାପିତାଙ୍କ ସେବା କଲେ ଭଗବାନ କରୁଣା ପ୍ରାପ୍ତ ହେବ'

କଟକ ଅଫିସ,୮।୧୦- ଉତ୍କଳ ପୂଜନ ପରିଷଦ ପକ୍ଷରୁ କର୍ମଯୋଗୀ ଧନେଶ୍ୱର ରଥଙ୍କ ସ୍ମୃତି ସମାରୋହ ସ୍ଥାନୀୟ ଦେଉଳସାହିସ୍ଥିତ ବାପୁଜୀ ଶିକ୍ଷା ନିକେତନ ଅଡିଟୋରିୟମଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ପୂର୍ବତନ ଜିଲାପାଳ ବସନ୍ତ ଚରଣ ସ୍ୱାଇଁ କହିଥିଲେ, ମାତାପିତାଙ୍କ ସେବା କଲେ ଭଗବାନ କରୁଣା ପ୍ରାପ୍ତ ହେବ। ପରିଷଦ ସଭାପତି କୈଳାସ ଚନ୍ଦ୍ର ବରାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଉତ୍କଳ ସାହିତ୍ୟ ସମାଜ ସଭାପତି ତରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରଫେସର ନଟବର ଶତପଥୀ, ଶିକ୍ଷା ନିକେତନର ଅଧକ୍ଷ ଅଶୋକ ରଥ, ଡ୍ରିମ୍ସ ଶିକ୍ଷାନୁଷ୍ଠାନର ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଗୀତାରାଣୀ କର, ପ୍ରଗତି ବଳ, ରାଜେଶ ଓଝା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମାନସ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଏଆଇକେକେଏମ୍‌ଏସ୍ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ




କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଆଇକେକେଏମ୍‌ଏସ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

କଟକ ଅଫିସ, ୮।୧୦

ବିଭିନ୍ନ ଦାବି ନେଇ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର୍ ସଙ୍ଗଠନ(ଏଆଇକେକେଏମ୍‌ଏସ୍) ପକ୍ଷରୁ ଶୁକ୍ରବାର କଟକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କଟକ ଜିଲା ସାଲେପୁର ବ୍ଲକ ପୁରୁଣାହାଟ ପଞ୍ଚାୟତର ସମସ୍ତ ଚାଷୀଙ୍କ ନାମ ପଞ୍ଜୀକରଣ କରିବା, କୃଷି ସମବାୟ ସମିତି ଅଫିସ ଖୋଲିବା ଓ ଚାଷୀଙ୍କ ନାମ ପଞ୍ଜୀକରଣରେ ଅନିୟମିତତା କରିଥିବା ସମ୍ପାଦକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଥିଲା। ସାଲେପୁର ବ୍ଲକର ପୁରୁଣାହାଟ, ସୁଦୁଖଣ୍ଡ, ରଟିଲୋ ଓ ତରିତୋ ପଞ୍ଚାୟତକୁ ନେଇ କୃଷି ସମବାୟ ସମିତି ଗଠନ ହୋଇଛି। ଅଥଚ କୃଷି ସମବାୟ ସମିତି କାର୍ଯ୍ୟାଳୟ ନ ଥିବାରୁ ସମ୍ପାଦକ ମନଇଚ୍ଛା ଚାଷୀ ପଞ୍ଜୀକରଣ କରୁଛନ୍ତି। ପ୍ରକୃତ ଚାଷୀ କାଗଜପତ୍ର ଦାଖଲ କଲେ ବି ତାହା ପଞ୍ଜୀକରଣ ହେଉନାହିଁ । ତେଣୁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି । ସରକାର ଦାବି ପୂରଣ ନ କଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭରେ ଚାଷୀନେତା ବସନ୍ତ ନାୟକ, ଶ୍ରମିକ ନେତା ଖଗେଶ୍ୱର ସେଠୀ, ରମେଶ ପଣ୍ଡା, ସୁରେଶ ରାଉତ, ରତିକାନ୍ତ ସ୍ୱାଇଁ, ପୀତବାସ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

**PANCHAYAT SAMITI OFFICE, RANPUR**
**DISTRICT- NAYAGARH**
**No.: 2651, Date: 28.9.21**

**No. i-186:-** Sealed tender is hereby invited from eligible contractors for execution of the Civil Work for Construction of Block Level Mini Stadium at Sunakhela Govt. High School, Rajsunakhela, Const. of AEE Qtr at Ranpur Block, New const. of Delivery Patient Waiting Room at Darpanarayanpur PHC, New Const. of Labour Room At Darpanarayanpur PHC under NHM in the District of Nayagarh. Detail term and condition may be downloaded from the website www.nayagarh.nic.in. The tender documents will be available in the above website from dt.01.10.2021 to dt.15.10.2021. The tender shold reach the office of the undersigned by dt.15.10.2021 (till 5.30 PM) through Regd. Post/ Speed Post. The tender will be opened at 11.30 AM on dt.25.10.2021. Last received and incomplete bids will not be entertained. The undersigned reserves the right to cancel all or any bids without assigning any reason thereof. No personal query to be entertained.

**Sd./- Rituparna Mohapatra, OAS (I)**
**Block Development Officer, Ranpur**
OIPR-19124/11/0002/2122

GOVERNMENT OF ODISHA No.A-506
**Office of the Superintending Engineer, Berhampur Irrigation Division, Berhampur**
**Phone/FAX No. 0680 2281983, e-mail: eebam_irr@yahoo.com**
**e-Procurement Notice No. e-BEID-02/2021-22**

1. Name of the Scheme : **Critical, State Plan, Restoration & Road works & DPIW work for the F.Y. 2021-22**
2. Total No. of Works : **19 (Nineteen) Nos. of Individual works.**
3. Estimated Cost : **Varies from Rs.5.29 Lakhs to Rs.46.74 Lakhs.**
4. Period of Completion : **Four to Five months.**
5. Other details as follows :

| Sl. No. | Procurement Officer | Bid Identification No. | Period of availability of Bids online | Period of submission of Bids online | Date and Place of opening of Bids online |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 to 19 | Executive Engineer, Berhampur Irrigation Division, Berhampur | e-BEID-51/2021-22 to e-BEID-69/2021-22 | From 11.10.2021 (10.00 A.M.) to 21.10.2021 (5.30 P.M.) | From 11.10.2021 (10.00 A.M.) to 21.10.2021 (5.30 P.M.) | 22.10.2021 (11.00 A.M.) in the Office of the Superintending Engineer, Berhampur Irrigation Division |

Bidders are to participate in online bidding only. Further details can be seen from the Govt. of Odisha e-Procurement Web-site **www.tendersorissa.gov.in**. Any addendum/Corrigendum/cancellation of the tender can be seen in the above website only.
OIPR-32025/11/0002/2122 **Sd./- Superintending Engineer, Berhampur Irrigation Division**

**OFFICE OF THE REGULATED MARKET COMMITTEE**
**HINJILICUT (GANJAM)**
**E-Mail: rmchinj@rediffmail.com**
**Notice No.-444 Dated: 05.10.2021**
**BID IDENTIFICATION NO-RMC HINJILICUT-01/2021**

No.H-23:- The Sub-Collector, Chatrapur-cum-Chairman, R.M.C., Hinjilicut invites percentage rate bids in a single and double cover system (Technical Bid and Price Bid) in online mode from the eligible contractors having experience in similar nature of work. The details are as mentioned follows.
1. Details of tender:

| Sl. No. | Name of the work | Tender value (In Rs.) | E.M.D. (In Rs.) | Class of contractor | Period of completion | Cost of tender paper (In Rs.) |
|---|---|---|---|---|---|---|
| 1 | Construction of Model Mandi (Medium Unit) at Main Market Yard, Hinjilicut | 3,63,66,507.00 | NA (Bid Security Declaration) | A & Special Class | 10 (Ten calendar months) | 10,000.00 |
| 2 | Construction of Model Mandi (Small Unit) at Sub- Market Yard, Haripur Burudi | 1,00,33,237.00 | NA (Bid Security Declaration) | A & B Class | 10 (Ten calendar months) | 10,000.00 |
| 3 | Repairing & renovation of Agri Market Structure at Hinjilicut, Haripur Burudi and Chatrapur | 15,86,059.00 | NA (Bid Security Declaration) | C & D Class | 03 (Three months) | 6,000.00 |

2. Availability fo bid document in the website: 11.10.2021 to 22.11.2021 upto 05 P.M. 3. Date of opening of bid: 24.11.2021 at 11 A.M. 4. Any addendum / corrigendum/ cancellation of tender can also be seen in the said website only. 5. The bidders have to participate in ONLINE bidding only. Further details can be seen from the website: https://tendersodisha.gov.in / http://ganjam.nic.in.

**Sd./-Sub-Collector, Chatrapur-cum-Chairman, R.M.C., Hinjilicut**
OIPR-07047/11/0001/2122

No. CAD-1443 idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**
Tender Call Notice No. H.O./P&C/EST-E-1529/01/2020 V-I- 17007 Date: 05.10.2021
**NOTICE INVITING TENDER THROUGH e-Procurement**

**Name of the Work** :- Construction of Road from main entry to Plot No.-27 at Chhatabar Industrial Estate, Bhubaneswar (800 mtr. Length)
**Estimated Cost** :- Rs.89.06 lakh (apprx).
**Period of Completion** :- 03 (three) calendar months.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID No. PC-EST-E-**22/ 2021-22** | 17.00 hours of 11.10.2021 | 17.00 hours of 26.10.2021 |

**Further details can be seen from the e-Procurement Portal www.Tendersorissa.gov.in.** Corrigendum if any will not be published in newspapers and can only be seen in the e-procurement portal **www.tenderorissa.gov.in** and **IDCO website www.idco.in**.

**Sd./- Chief General Manager (P&C), IDCO, Bhubaneswar**
OIPR-14003/11/0075/2122

**ମା' କୁଞ୍ଜେଶ୍ୱରୀଙ୍କ କାଠି ଦେବତା ବେଶ**

କଣାସ,(ସ୍ୱ.ପ୍ର.): କଣାସ ଅଞ୍ଚଳର ଆରାଧ ଠାକୁରାଣୀ ମା' କୁଞ୍ଜେଶ୍ୱରୀଙ୍କ ଆଶ୍ୱିନ ମାସର ୧୬ପୂଜାରେ ମା' ୭ଦିନ ଧରି କାଠି ଦିଅଁ ଭାବେ ପୂଜା ପାଆନ୍ତି। ୫ମୀ, ୬ଷ୍ଠୀ, ୭ମୀ, ୮ମୀ ପ୍ରଭୃତି ଚାରି ତିଥିରେ ମା' କାଠିଦିଅଁ ଭାବେ ୧୬ଖଣ୍ଡି ଗ୍ରାମ ବୁଲି ଦୁଆରି ଭୋଗ ଖାଉଥିବା ବେଳେ ଦ୍ୱିତୀୟା, ତୃତୀୟା ଓ ୪ର୍ଥ ତିଥିରେ କାଠିଦିଅଁ ମନ୍ଦିରରେ ରହି ପୂଜା ପାଆନ୍ତି। ଦ୍ୱିତୀୟା ତିଥିରେ ଠାକୁରାଣୀଙ୍କ ୧୬ଫୁଟ୍ ଲମ୍ବର ଏକ ବାଉଁଶ କାଠି ବାଲିପାଟଣା ଗ୍ରାମର ସୁବୁଦ୍ଧି ପରିବାରରୁ ମା'ଙ୍କ ସେବକ ଏବଂ ପୂଜାରୀ ପୂଜାର୍ଚ୍ଚନା କରି ମନ୍ଦିରକୁ ଅଣାଯାଇଥିଲା। ପ୍ରଥା ଅନୁଯାୟୀ ବିଶ୍ୱକର୍ମା କାଠିଦିଅଁ ଖୋରା କରିବା ପରେ ସେବକମାନେ କାଠିକୁ ଗଙ୍ଗାଜଳରେ ଧୋଇ ପୂଜା କରି ନୂତନ ବସ୍ତ୍ର କାଟିସାରା ପିନ୍ଧାଇ ବେଢ଼ା ପରିକ୍ରମା କରାଇଥାନ୍ତି। ଏହି ବେଶ ଦେଖିବାକୁ ଆଖପାଖ ଲୋକଙ୍କ ସୁଅ ଛୁଟିଥିଲା।

# ପୁରୀ ଜିଲାର ୮୮ ଗାଁ ସୁନାମିପ୍ରବଣ

**ପୁରୀ ଅଫିସ, ୮।୧୦:**

ନୀଳାଦ୍ରି ବେଳାଭୂମିରେ ଶୁକ୍ରବାର ସୁନାମି ମୁକାବିଲା ପ୍ରସ୍ତୁତି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞ ଡ. ଭୋଳାନାଥ ମିଶ୍ର ଯୋଗଦେଇଥିଲେ। ସେ କହିଥିଲେ, ଉପକୂଳବର୍ତ୍ତୀ ଗଞ୍ଜାମ, ଗୋପାଳପୁର, ପୁରୀ, କୋଣାର୍କ, ପାରାଦୀପ ଭଳି ୫ଟି ସହର ଓ ୩୩୦ଟି ଗ୍ରାମ ସୁନାମିପ୍ରବଣ ଭାବେ ଚିହ୍ନଟ କରାଯାଇଛି। ସେହିଭଳି ପୁରୀ ଜିଲାର କୃଷ୍ଣପ୍ରସାଦ, ବ୍ରହ୍ମଗିରି, ପୁରୀ ସଦର, ଗୋପ, କାକଟପୁର, ଅସ୍ତରଙ୍ଗ, କୋଣାର୍କ ବିଜ୍ଞାପିତ ଅଞ୍ଚଳ ଓ ପୁରୀ ପୌରାଞ୍ଚଳ ଅଧୀନ ୮୮ଟି ଗ୍ରାମ ସୁନାମି ପ୍ରବଣ। ସୁନାମି ଆଶଙ୍କା ଦେଖାଗଲେ ନିରାପଦ ରାସ୍ତା ଦେଇ ଉପକୂଳରୁ ଦୁଇ କିଲୋମିଟର ଦୂର ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ସେ ପରାମର୍ଶ ଦେଇଥିଲେ। ଆଗୁଆ ସୂଚନା ପାଇଁ ରାଜ୍ୟର ୧୨୨ଟି ସ୍ଥାନରେ ସାଇରନ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ପୁରୀର ପେଣ୍ଟକଟା ବାତ୍ୟା ଆଶ୍ରୟସ୍ଥଳୀ, ସମୁଦ୍ରକୂଳ ଓ ବଳିଆପଣ୍ଡା ଥାନା ଅଞ୍ଚଳର ୩ଟି ସ୍ଥାନ ସହ ଜିଲାର ୨୬ଟି ଜାଗାରେ ଏହି ସାଇରନ ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମରେ ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଯୋଗଦେଇ ସୁନାମି ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ଏ ସଂକ୍ରାନ୍ତ ଯୋଜନା ପ୍ରସ୍ତୁତ କରି ପ୍ରଶାସନକୁ ଜଣାଇବାକୁ ଉପସ୍ଥିତ ହୋଟେଲ ମାଲିକମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିରଜା ଶଙ୍କର ରଥ, ଜିଲା ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର, ଓସ୍‌ଡମା ଜିଲା ପ୍ରକଳ୍ପ ଅଧିକାରୀ ସୁକାନ୍ତ କୁମାର ଦାଶ, ଫିଡ୍‌ବ୍ୟାକ୍ ଫାଉଣ୍ଡେଶନ କର୍ମକର୍ତ୍ତା ଜ୍ୟୋତି ପ୍ରକାଶ ଏବଂ ସ୍ୱତନ୍ତ୍ର ଅଧିକାରୀ ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସେହିପରି ସରକାରୀ କର୍ମଚାରୀ, ହୋଟେଲ ବ୍ୟବସାୟୀ, ସମୁଦ୍ରକୂଳ ଉଠାଦୋକାନୀ ଓ ମତ୍ସ୍ୟଜୀବୀମାନେ ଉପସ୍ଥିତ ଥିଲେ।

**ଆଗୁଆ ସୂଚନା ପାଇଁ ୨୬ ସ୍ଥାନରେ ସାଇରନ ବ୍ୟବସ୍ଥା**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୮।୧୦।୨୦୨୧

| | |
|---|---|
| ୩,୪୬,୬୬୭ ଟଙ୍କା | |
| ସୁନା | ୬୨୦ ମିଲି ଗ୍ରାମ |
| ରୁପା | ୧୮.୮୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ପୁରୀ**

- ଜିଲା ପ୍ରଶାସନ ପକ୍ଷରୁ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସିଂହଦ୍ୱାରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି, ସକାଳ ୭ଟା ୩୦।
- କେଶରିଆ ହିନ୍ଦୁ ବାହିନୀ ହିନ୍ଦୁ ବୋର୍ଡ ପକ୍ଷରୁ ପଦଯାତ୍ରା, ଶ୍ରୀମନ୍ଦିର ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଜିଲା କ୍ରୀଡ଼ା ସଂସଦ ପକ୍ଷରୁ କୁସ୍ତି ପ୍ରତିଯୋଗିତା, ସଦାଶିବ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ଜିଲା ପ୍ରଶାସନ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀରେ ବକୁଳବନ, ସମାଧିପୀଠ, ସାକ୍ଷୀଗୋପାଳ ମନ୍ଦିର, ସୁଆଣ୍ଡୋ ଏବଂ ସାକ୍ଷୀଗୋପାଳସ୍ଥିତ ପଞ୍ଚସଖା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଅପରାହ୍ନ ୩ଟା।
- ଗୋପବନ୍ଧୁ ଆୟୁର୍ବେଦିକ କଲେଜରେ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ, ଅପରାହ୍ନ ୩ଟା।

## ସଂକ୍ଷେପରେ

### ଜିଲାପାଳଙ୍କ ଦ୍ୱାରସ୍ଥ ଜଗନ୍ନାଥ ବସ୍ତିବାସିନ୍ଦା

ପୁରୀ ଅଫିସ, ୮।୧୦: ପୁରୀ ପୌରପରିଷଦର ୧ନମ୍ବର ୱାର୍ଡ ଅଧୀନ ମାର୍କଣ୍ଡେଶ୍ୱର ସାହି ଜଗନ୍ନାଥ ବସ୍ତିର ବାସିନ୍ଦା ବସ୍ତି ସମସ୍ୟା ନେଇ ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ବସ୍ତିରେ ବର୍ଷାଜଳ ଜମୁଥିବା ନେଇ ସେମାନେ ୨୦ ତାରିଖରେ ଅଭିଯୋଗ କରିଥିଲେ। ଜିଲାପାଳ ସମସ୍ୟା ଦୂର ପାଇଁ ପଦକ୍ଷେପ ନେଇଥିବାବେଳେ ବାକି ଥିବା କାର୍ଯ୍ୟଗୁଡ଼ିକ କିପରି ଧାର୍ଯ୍ୟ ସମୟ ମଧ୍ୟରେ ସରିବ ସେ ନେଇ ଆଲୋଚନା କରିଥିଲେ। ବସ୍ତିରେ ଡ୍ରେନ ନିର୍ମାଣ ପାଇଁ ବସ୍ତି ବାସିନ୍ଦା ଦାବି କରିଛନ୍ତି। ଏହି ଅବସରରେ ଆସୋସିଏଶନ ଅଫ୍ ଚ୍ୟୁଇଟର ଆର୍କିଭିଷ୍ଟ ସଦସ୍ୟ ଆଦିତ୍ୟ ନାରାୟଣ ବାରିକ ଓ ବିସ୍ମୟ ମିଶ୍ର ଉପସ୍ଥିତ ଥିଲେ।

### ଆଦର୍ଶ ଗୋଶାଳା ନିର୍ମାଣ ହେଉ

ପୁରୀ ଅଫିସ, ୮।୧୦:ମହାପ୍ରଭୁଙ୍କ ନୀତିକାନ୍ତିରେ ଶୁଦ୍ଧ ଗୋଜାତ ଦ୍ରବ୍ୟ ବ୍ୟବହାର, ଭକ୍ତଙ୍କୁ ଗୋପୂଜନ କରିବାକୁ ପରାମର୍ଶ ଦେବା, ଖାଦ୍ୟ ପ୍ରଦାନ ସହ ଶ୍ରୀମନ୍ଦିର ନିକଟରେ ଆର୍ଦଶ ଗୋଶଳା ନିର୍ମାଣ ନିମନ୍ତେ ଉତ୍କଳ ବିଦ୍ୱତ ପରିଷଦ ଦାବି କରିଛି। ଏ ନେଇ ପରିଷଦ ପକ୍ଷରୁ ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ପରିଷଦର ଅଧ୍ୟକ୍ଷ ମନୋଜ ରଥ କହିଛନ୍ତି, ଏଠାକୁ ଆସୁଥିବା ଭକ୍ତଙ୍କର ଇଚ୍ଛା ଥାଏ ଶ୍ରୀମନ୍ଦିର ନିକଟସ୍ଥ ଗୋଶାଳାକୁ ଯାଇ ଗୋ ପୂଜନ କରିବା। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଏକ ଆଦର୍ଶ ଗୋଶାଳା ନିର୍ମାଣ କରାଯାଉ ବୋଲି ପରିଷଦ ଦାବି କରିଛି।

# ରଘୁବୀର ଦାସ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯାଉ




ପୁରୀ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ପୁରୀ ଅଫିସ, ୮।୧୦:**

ଭିତରଘର ରତ୍ନଭଣ୍ଡାର କାହିଁକି ଖୋଲାଯାଉ ନାହିଁ। ରତ୍ନ ଅଳଙ୍କାର ସୁରକ୍ଷିତ ରହିଛି କି ନାହିଁ। ପୁରୀ ସହରବାସୀଙ୍କ ସମେତ ସାଢେ ଚାରିକୋଟି ଓଡ଼ିଆ ମହାପ୍ରଭୁଙ୍କ ରତ୍ନ ଭଣ୍ଡାରର ରତ୍ନ ଅଳଙ୍କାର ସମ୍ପର୍କିତ ସୂଚନା ଚାହୁଁଥିବାବେଳେ ପ୍ରଶାସନ ଜାଣିଶୁଣି ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲୁନାହିଁ। ୩୦ବର୍ଷ ତଳେ ଭିତର ରତ୍ନଭଣ୍ଡାର ଖୋଲା ଯାଇଥିଲା। ଏହାର ଦୀର୍ଘବର୍ଷ ପରେ ବି ରତ୍ନଭଣ୍ଡାର ଭିତରଗୃହ ଓ ରତ୍ନ ଅଳଙ୍କାର ଅବସ୍ଥା ନେଇ ପ୍ରଶାସନ ଚିନ୍ତିତ ନ ହେବା ପଛରେ କିଛି ମନ୍ଦ ଉଦ୍ଦେଶ୍ୟ ରହିଛି କି ବୋଲି ପୁରୀ ଜିଲା ଛାତ୍ର କଂଗ୍ରେସ ପ୍ରଶ୍ନ କରିଛି। ପ୍ରଶାସନର କଥା ଓ ସୂଚନା ଅଧିକାର ଆଇନ ବଳରେ ମିଳୁଥିବା ତଥ୍ୟ ମଧ୍ୟରେ ତାଳମେଳ ରହୁନାହିଁ। ଫଳରେ ସନ୍ଦେହ ଅଧିକ ଦୃଢୀଭୂତ ହେଉଛି ବୋଲି ଛାତ୍ର କଂଗ୍ରେସ କର୍ମକର୍ତ୍ତା କହିଛନ୍ତି।

**ରତ୍ନଭଣ୍ଡାର ଅଳଙ୍କାର ସୁରକ୍ଷିତ ନେଇ ସନ୍ଦେହ: ଛାତ୍ର କଂଗ୍ରେସ**

୨୦୧୮ ଜୁନ ୬ତାରିଖରେ ଚାବି ହଜିବା ଘଟଣାକୁ ନେଇ ରାଜ୍ୟ ସରକାର ଅବସରପ୍ରାପ୍ତ ବିଚାରପତି ରଘୁବୀର ଦାସଙ୍କ ନେତୃତ୍ୱରେ ଏକ ତଦନ୍ତ କମିଶନ ଗଠନ କରିଥିଲେ। ତଦନ୍ତ ବାବଦକୁ ୨୨ ଲକ୍ଷ ୨୭ ହଜାର ୯୧୮ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ରିପୋର୍ଟକୁ ଏପର୍ଯ୍ୟନ୍ତ ସାର୍ବଜନୀନ କରାଯାଇନାହିଁ। ରିପୋର୍ଟ ବିଧାନସଭାରେ କାହିଁକି ଉପସ୍ଥାପନ ହୋଇନାହିଁ ତାହା ମଧ୍ୟ ବଡ଼ ପ୍ରଶ୍ନ। ସେହିଭଳି ଭଣ୍ଡାର ଚାବି ରେକର୍ଡ ରୁମ୍ ଓ କୋଷାଗାରରେ ଦାଖଲ ହେବା ନେଇ ତଥ୍ୟ ନ ମିଳିବା ସାଧାରଣରେ ସନ୍ଦେହକୁ ବହୁଗୁଣିତ କରିଛି ବୋଲି କଂଗ୍ରେସ ନେତା ଆଲୋକ ଦାସ କହିଛନ୍ତି। ସେହିପରି ଜିଲା ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ଆଶୁତୋଷ ମିଶ୍ର କହିଛନ୍ତି, ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ପ୍ରତି ୩ବର୍ଷରେ ରତ୍ନଭଣ୍ଡାର ଖୋଲାଯାଇ ଯାଞ୍ଚ କରାଯିବା କଥା। ମାତ୍ର ପ୍ରଶାସନିକ ଅଧିକାରୀମାନେ ଏହି ସ୍ୱତ୍ୱଲିପି ଉଲ୍ଲଂଘନ କରି ଏବଂ ରାଜ୍ୟ ସରକାର ଉଦ୍ଦେଶ୍ୟମୂଳକ ଭାବେ ରତ୍ନଭଣ୍ଡାର ଖୋଲୁନାହାନ୍ତି। ରତ୍ନଭଣ୍ଡାର ଅଳଙ୍କାର ଲୁଟି ନିଆଯାଇଥିବା ସନ୍ଦେହ ହେଉଛି। ସରକାର ବାସ୍ତବରେ ଯଦି ଶ୍ରୀକ୍ଷେତ୍ରର ବିକାଶ ଚାହୁଁଛନ୍ତି ତେବେ ରତ୍ନଭଣ୍ଡାର ଖୋଲି ଅଳଙ୍କାର ଗଣନା କରିବା ସହ ଏ ନେଇ ସ୍ପଷ୍ଟ ତଥ୍ୟ ରଖନ୍ତୁ ବୋଲି ଆଶୁତୋଷ କହିଛନ୍ତି। ଏହି ଅବସରରେ ଛାତ୍ର କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ ସିଂହଦ୍ୱାର ସମ୍ମୁଖରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଆଲୋକ ଓ ଆଶୁତୋଷଙ୍କ ସମେତ ମନୋଜ ମଣ୍ଡଳ, ଅନିଲ ବେଜ, ବିକ୍ରମ ପ୍ରଧାନ ଏବଂ ସୋମନାଥ ନାୟକ ପ୍ରମୁଖ ସାମିଲ ଥିଲେ।

# ୫-ଟିରେ ମିଶିବ ପଞ୍ଚସଖା ଭକ୍ତ ବଳରାମ ବିଦ୍ୟାପୀଠ

**ଗୋପ,୮।୧୦(ଡି.ଏନ୍.ଏ.):**

ଗୋପ ବ୍ଲକ୍‌ର ୬ଟି ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲରେ ଅନ୍ତର୍ଭୁକ୍ତ କରାଯାଇ କାର୍ଯ୍ୟ ଜାରି ରହିଛି। ଆହୁରି ଅଧିକ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରଣ କରିବା ଲାଗି ବ୍ଲକ୍‌ର ଶ୍ରୀଜଗନ୍ନାଥ ନୋଡାଲ ହାଇସ୍କୁଲ ଚଢ଼େଇଗାଁ, ଏରବଙ୍ଗ ଉଚ୍ଚ ବିଦ୍ୟାଳୟ, ମା' ଭୁଆସୁଣୀ ଉଚ୍ଚ ବିଦ୍ୟାଳୟ, ପଞ୍ଚସଖା ଭକ୍ତ ବଳରାମ ବିଦ୍ୟାପୀଠ ବେଗୁନିଆ, ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ଆଦି ସ୍କୁଲକୁ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରିବା ଲାଗି ପ୍ରସ୍ତାବ ଦିଆଯାଇଛି। ତେବେ ଖୁବ୍‌ଶୀଘ୍ର ପଞ୍ଚସଖା ବିଦ୍ୟାପୀଠକୁ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସଭାରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ମନ୍ତ୍ରୀଙ୍କ ଏହି ପ୍ରତିଶ୍ରୁତି ପରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ପାଢ଼ୀ, ସହକାରୀ ଶିକ୍ଷକ ଜଗବନ୍ଧୁ ସାହୁ, ତପନ ପାଢ଼ୀ, ଦୀପକ ସିହ୍ନାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍ଥାନୀୟ ଅଞ୍ଚଳବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅନୁରୂପ ଭାବେ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ରଶ୍ମିରଞ୍ଜନ ବେହେରା, ଯୁବନେତା ଧର୍ମେନ୍ଦ୍ର ସାହୁଙ୍କ ସମେତ ପୁରାତନ ଛାତ୍ର ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଧନ୍ୟବାଦ କରାଯାଇଥିଲା।

# ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଦଳିତ ସଂଘର ଧାରଣା

**ପିପିଲି,୮।୧୦(ଡି.ଏନ୍.ଏ.):**

ଜାତୀୟ ଦଳିତ, ଆଦିବାସୀ, ସଂଖ୍ୟାଲଘୁ ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ପିପିଲି ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ୨ଘଣ୍ଟା ଧାରଣା ଦିଆଯାଇଥିଲା। ବିଦ୍ୟୁତ୍ ବିଲ୍ ଆଦାୟରେ ନିୟୋଜିତ ହେବାକୁ ଥିବା ଏସ୍‌ଏଚ୍‌ଜି ସଦସ୍ୟାମାନେ ଉଚ୍ଚଶିକ୍ଷିତା ହେବା ଆବଶ୍ୟକ, ବିଲ୍ ଆଦାୟ ନାମରେ ଗରିବଙ୍କୁ ଶୋଷଣ ବନ୍ଦ କରାଯିବା ଓ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ଜଗନ୍ନାଥପୁର ଗ୍ରାମର ସ୍ୱର୍ଗତ ଚକ୍ରଧର ସେଠୀଙ୍କ ଛାତ ଉପରେ ଯାଇଥିବା ୩୩ କେଭି ଲାଇନକୁ ସ୍ଥାନାନ୍ତର କରିବା ଆଦି ଦାବି କରିଥିଲେ। ସଂଘର ରାଜ୍ୟ ସଭାପତି ବିଜୟ ସେଠୀଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ମହିଳା ଧାରଣା ଦେଇଥିଲେ। ମହାସଂଘ ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ସୋନିଲତା ସେଠୀ, ପ୍ରଭାତୀ ମଲ୍ଲିକ, ମିନା ସେଠୀ, ଗୀତାରାଣୀ ମଲ୍ଲିକ, ବନିତା ମଲ୍ଲିକ, କବିତା ଭୋଇ, ମାନିନୀ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଥିଲା।




ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ସାକ୍ଷୀଗୋପାଳ ମନ୍ଦିର ହୁଣ୍ଡିରୁ ମିଳିଲା ୩.୭ ଲକ୍ଷ

**ସାକ୍ଷୀଗୋପାଳ, ୮।୧୦(ଡି.ଏନ୍.ଏ.):**

ସାକ୍ଷୀଗୋପାଳ ମନ୍ଦିର ହୁଣ୍ଡି ଆୟରୁ ୩,୦୭, ୫୮୦ ଟଙ୍କା ମିଳିଛି। ଗତ ଦୁଇବର୍ଷ ହେଲା କୋଭିଡ୍ କଟକଣା ଯୋଗୁ ଭକ୍ତଙ୍କ ମନ୍ଦିର ପ୍ରବେଶ ବନ୍ଦ ରହିଥିବା ବେଳେ ୨୩ ମାସ ପରେ ମନ୍ଦିର ପ୍ରଶାସନ ପକ୍ଷରୁ ଶୁକ୍ରବାର ହୁଣ୍ଡି ଖୋଲାଯାଇଛି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ପ୍ରଧାନ, ବିଡିଓ କ୍ଷୀରୋଦ କୁମାର ବେହେରା, ଦେବୋତ୍ତର ନିରୀକ୍ଷକ ଜଗଦୀଶ ସାହୁ, ସେବାୟତ ସଂଘ ସଭାପତି ରାମଚନ୍ଦ୍ର ମହାପାତ୍ର, ପୋଲିସ ଅଧିକାରୀ ବୈଷ୍ଣବ ମହାରଣାଙ୍କ ଉପସ୍ଥିତିରେ ମନ୍ଦିର ଅମିନ ସୁବାସ ଗଜେନ୍ଦ୍ର, ସୁପରଭାଇଜର ବିଶ୍ୱନାଥ ମହାପାତ୍ର, ମନୋରଞ୍ଜନ ମହାନ୍ତି, ତହସିଲ କାର୍ଯ୍ୟାଳୟ ରାଜସ୍ୱ ସୁପରଭାଇଜର, ବ୍ୟାଙ୍କ ଓ ମନ୍ଦିର କର୍ମଚାରୀ ଟଙ୍କା ଗଣତିରେ ସାମିଲ ଥିଲେ।

## ବରାଳ ବାଲୁଙ୍କେଶ୍ୱରଙ୍କ ବିଭୂତି ଲାଗି ମାଟି ସଂଗ୍ରହ

**ସାକ୍ଷୀଗୋପାଳ,୮।୧୦(ଡି.ଏନ୍.ଏ.)**

ଆଗାମୀ ବିଜୟା ଦଶମୀ ତିଥିରେ ବାଲୁଙ୍କେଶ୍ୱର ଦେବଙ୍କ ବିଭୂତି ଲାଗି ଶୁକ୍ରବାର ବିଭୂତି ବାଟିକାରୁ ମାଟି ସଂଗ୍ରହ କରାଯାଇଛି। ସେବାୟତମାନେ ପୂଜାର୍ଚ୍ଚନା କରି ଛତିତ୍ରାସ, ବିଜେ କାହାଳୀ, ଘଣ୍ଟ, ମହୁରୀ ଓ ଆଜ୍ଞାମାଳ ସହିତ ବିଭୂତି ବାଟିକାକୁ ଯାଇଥିଲେ। ସର୍ପରାଜଙ୍କୁ ସ୍ମରଣକରି ମାଟି ଭରି ଫେରିଥିଲେ।

## ମନ୍ତ୍ରୀ ବାଣ୍ଟିଲେ ସ୍ୱାସ୍ଥ୍ୟ କାର୍ଡ

**ନିମାପଡ଼ା/ଗୋପ/ଅସ୍ତରଙ୍ଗ/କଣାସ/ ସାକ୍ଷୀଗୋପାଳ,୮।୧୦(ଡି.ଏନ୍.ଏ.):**

ନିମାପଡ଼ା ବ୍ଲକର ୧୪ ପଞ୍ଚାୟତ ଓ ଏନ୍‌ଏସିର ୨ଟି ୱାର୍ଡରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ୨୩୪୦ ହିତାଧିକାରୀଙ୍କୁ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଛନ୍ତି। ବିଡିଓ ବସନ୍ତ ମଲ୍ଲିକ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଗୋପ ବାଳିକା ଉଚ୍ଚ ବିଦ୍ୟାଳୟ, ଏରବଙ୍ଗ, ବେଦପୁର ଓ ପୟରା ପଞ୍ଚାୟତରେ କାର୍ଡ ବଣ୍ଟନ କରିଥିଲେ। ନେତା ଧର୍ମେନ୍ଦ୍ର ସାହୁ, ବିଡିଓ ଦୀପ୍ତିରାଣୀ ଦାସ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ବ୍ଲକର ନଇଗୁଆଁ, ଆଲଙ୍ଗପୁର, ଆଳସାହି ଓ ନଗର ପଞ୍ଚାୟତରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋର୍ତ୍ତିମୟ ଦଳାଇ, ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଡିଓ ବେବିତା ମଞ୍ଜରୀ ନାୟକ ଉପସ୍ଥିତ ଥିଲେ। ସତ୍ୟବାଦୀ ବ୍ଲକରେ ବିଧାୟକ ଉମାକାନ୍ତ ସାମନ୍ତରାୟ ୧୦ମହିଳାଙ୍କୁ କାର୍ଡ ଦେଇଥିଲେ। ଉତ୍କଳମଣିଙ୍କ ଜୟନ୍ତୀରେ ୨୭ ହଜାର ପରିବାରଙ୍କୁ ଏହି କାର୍ଡ ବଣ୍ଟାଯିବ। କାର୍ଯ୍ୟକ୍ରମରେ ବିଡିଓ କ୍ଷୀରୋଦ ବେହେରା, ଚେୟାରମ୍ୟାନ ସସ୍ମିତା ପ୍ରଧାନ, ଉପାଧ୍ୟକ୍ଷ ବିକ୍ରମ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କଣାସ ବ୍ଲକର ୧୦ଜଣଙ୍କୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ସାଗର ବେହେରା କାର୍ଡ ବାଣ୍ଟିଥିଲେ।

# ଆନ୍ଦୋଳନରେ ଆୟୁଷ ଡାକ୍ତର, ରୋଗୀ ହୀନସ୍ତା

**ବ୍ରହ୍ମଗିରି,୮।୧୦(ଡି.ଏନ୍.ଏ.):**

ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଥିବା ବେଳେ ଆୟୁଷ ଡାକ୍ତରଙ୍କୁ ଅବହେଳା କରାଯାଉଛି। ଆୟୁଷ ଡାକ୍ତରଙ୍କ ଅସହଯୋଗ ଆନ୍ଦୋଳନ ଡାକରା ଯୋଗୁ ବ୍ରହ୍ମଗିରିରେ ଆନ୍ଦୋଳନ ଚାଲିଥିବାରୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବ୍ରହ୍ମଗିରି ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ୩ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅଭାବ ଯୋଗୁ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି କରାଯାଇଛି। ଏମାନେ ସ୍ୱାସ୍ଥ୍ୟସେବା ଯୋଗାଉଥିଲେ। କିନ୍ତୁ ଏବେ ଆନ୍ଦୋଳନ ଯୋଗୁ ରୋଗୀମାନେ ଜରୁରୀ ସେବା ପାଇପାରୁନାହାନ୍ତି। ତେଣୁ ଜନ ଅସନ୍ତୋଷ ବୃଦ୍ଧିପାଉଛି। ଏ ସମ୍ପର୍କରେ ରେବଣା ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଣବ ପ୍ରକାଶ ପୂର୍ଣ୍ଣ କହିଛନ୍ତି, ଆନ୍ଦୋଳନ ଯୋଗୁ ଟିକେ ସମସ୍ୟା ଦେଖାଦେଉଛି। ଆମେ ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ। ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଆଶା ରହିଛି।

# ବିଭିନ୍ନ ଯୋଜନାରେ ଦୁର୍ନୀତି ହୋଇଛି: ସିପିଆଇ

**କାକଟପୁର,୮।୧୦(ଡି.ଏନ୍.ଏ.):**

କାକଟପୁର ବ୍ଲକରେ ବିଭିନ୍ନ ଯୋଜନା ଗୁଡ଼ିକରେ ଦୁର୍ନୀତି ହୋଇଥିବା ନେଇ ସିପିଆଇ ପକ୍ଷରୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ସିପିଆଇର କାକଟପୁର-ଅସ୍ତରଙ୍ଗ ଆଞ୍ଚଳିକ କମିଟି ପକ୍ଷରୁ ୧୩ଦଫା ଦାବି ନେଇ ଶୁକ୍ରବାର ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଞ୍ଚଳିକ କମିଟି ସମ୍ପାଦକ ବିପିନ ବିହାରୀ ରାଉତଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପ୍ରଥମେ କାକଟପୁର ମେଡିକାଲ ଛକରୁ ଏକ ଶୃଙ୍ଖଳିତ ରାଲିରେ ବଜାର ପରିକ୍ରମା କରିଥିଲେ। ପରେ ବ୍ଲକ ସମ୍ମୁଖରେ ପହଞ୍ଚି ପଥପ୍ରାନ୍ତ ସଭା କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ ସମାଲୋଚନା କରିଥିଲେ। କାକଟପୁର ବ୍ଲକରେ ସାମଗ୍ରିକ ବ୍ୟବସ୍ଥାକୁ ଦୁର୍ନୀତିର ନିରନ୍ତର ପ୍ରକ୍ରିୟା ଗ୍ରାସ କରିସାରିଲାଣି ବୋଲି ଅଭିଯୋଗ ଆଣିବା ସହ ମୋ ଗୁହାଳ, ମୋ ବଗିଚା, ଆବାସ ଯୋଜନା, ବିଜୁ ପକ୍କାଘର, ବାର୍ଦ୍ଧକ୍ୟ, ବିଧବା ଭତ୍ତା, ଡଷ୍ଟବିନ ଯୋଜନାରେ ଦୁର୍ନୀତି କରି ଅଯୋଗ୍ୟ ହିତାଧୀକାରୀଙ୍କୁ ବଣ୍ଟନ କରାଯାଇଛି ବୋଲି ଯୋଗଦେଇଥିବା ନେତାମାନେ କହି ସରକାରଙ୍କୁ ସମାଲୋଚନା କରିଥିଲେ। ଶେଷରେ ୧୩ ଦଫା ସମ୍ବଳିତ ଦାବିପତ୍ର କାକଟପୁର ବିଡିଓ ତୁଷାର ଜ୍ୟୋତି ରଞ୍ଜନଙ୍କ ମାଧ୍ୟମରେ ପୁରୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କୁମାର କାନୁନଗୋ, ପୁରୀ ଜିଲା ସିପିଆଇ ସମ୍ପାଦକ ପ୍ରଦୀପ ମହାନ୍ତି ଓ ସିପିଆଇ କୃଷକ ନେତା କୃଷ୍ଣଚନ୍ଦ୍ର ପାତ୍ର, ବିପିନ ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ପୁରୀ ରଗ୍‌ବୀ ସିନିୟର ଦଳର ଭଦ୍ରକ ଯାତ୍ରା

**ପୁରୀ ଅଫିସ, ୮।୧୦:**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଆନନ୍ଦପୁରରେ ୯ ଓ ୧୦ ତାରିଖ ଦୁଇଦିନ ଧରି ସିନିୟର ରଗ୍‌ବୀ ଚାମ୍ପିୟନଶିପ୍ ପ୍ରତିଯୋଗିତା ହେବ। ଏଥିପାଇଁ ଶୁକ୍ରବାର ପୁରୀ ସିନିୟର ମହିଳା ଓ ପୁରୁଷ ରଗ୍‌ବୀ ଦଳ ଆନନ୍ଦପୁର ଅଭିମୁଖେ ଯାତ୍ରା କରିଛି। ଦଳରେ ୧୨ଜଣ ମହିଳା ଓ ୧୨ଜଣ ପୁରୁଷ ଖେଳାଳି ରହିଛନ୍ତି। ମହିଳା ଦଳର ଅଧିନାୟିକା ପୁଷ୍ପଲତା ପ୍ରଧାନ ଓ ଉପଅଧିନାୟିକା ସୁଧାସିନ୍ଧୁ ସାହୁ ରହିଛନ୍ତି। ସେହିପରି ପୁରୁଷ ଦଳର ଅଧିନାୟକ ଅଜୟ କୁମାର ମାଝି ଓ ଉପଅଧିନାୟକ ବିଶାଳ ରଞ୍ଜନ ଜେନା ରହିଛନ୍ତି। ଖେଳାଳିମାନଙ୍କ ସହ କୋଚ୍ ଭାବେ ଏସ୍. ଜଗା ରେଡ୍ଡୀ ଏବଂ ପୁରୀ ଜିଲ୍ଲା ରଗ୍‌ବୀ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ପ୍ରମୁଖ ଭଦ୍ରକ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ରଗ୍‌ବୀ ଦଳକୁ ପୁରୀ ଝାଡ଼େଶ୍ୱରୀ କ୍ଲବ ସମ୍ପାଦକ ପାର୍ଥସାରଥି ମହାପାତ୍ର ଓ ପୁରୀ ଜିଲ୍ଲା ରଗ୍‌ବୀ ଟିମ୍ ସଭାପତି ପ୍ରେମାନନ୍ଦ ବେହେରା, କାର୍ଯ୍ୟକାରୀ ସଭ୍ୟ ମଧୁସୂଦନ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇବା ସହ ବିଜୟଧାରା ଜାରି ରଖିବାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ।




ପୁରୀ ଜିଲା ରଗ୍‌ବୀ ଦଳର ଖେଳାଳିଙ୍କ ସହ କୋଚ।


**GOVERNMENT OF ODISHA** No.A-506

**Office of the Superintending Engineer, Berhampur Irrigation Division, Berhampur**

**Phone/FAX No. 0680 2281983, e-mail: eebam_irr@yahoo.com**

**e-Procurement Notice No. e-BEID-02/2021-22**

1. Name of the Scheme : Critical, State Plan, Restoration & Road works & DPIW work for the F.Y. 2021-22
2. Total No. of Works : 19 (Nineteen) Nos. of Individual works.
3. Estimated Cost : Varies from Rs.5.29 Lakhs to Rs.46.74 Lakhs.
4. Period of Completion : Four to Five months.
5. Other details as follows :

| Sl. No. | Procurement Officer | Bid Identification No. | Period of availability of Bids online | Period of submission of Bids online | Date and Place of opening of Bids online |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 to 19 | Executive Engineer, Berhampur Irrigation Division, Berhampur | e-BEID-51/2021-22 to e-BEID-69/2021-22 | From 11.10.2021 (10.00 A.M.) to 21.10.2021 (5.30 P.M.) | From 11.10.2021 (10.00 A.M.) to 21.10.2021 (5.30 P.M.) | 22.10.2021 (11.00 A.M.) in the Office of the Superintending Engineer, Berhampur Irrigation Division |

Bidders are to participate in online bidding only. Further details can be seen from the Govt. of Odisha e-Procurement Web-site **www.tendersorissa.gov.in**. Any addendum/Corrigendum/cancellation of the tender can be seen in the above website only.

OIPR-32025/11/0002/2122 **Sd./- Superintending Engineer, Berhampur Irrigation Division**

**OFFICE OF THE REGULATED MARKET COMMITTEE HINJILICUT (GANJAM)**

**E-Mail: rmchinj@rediffmail.com**

**Notice No.-444 Dated: 05.10.2021**

**BID IDENTIFICATION NO-RMC HINJILICUT-01/2021**

No.H-23:- The Sub-Collector, Chatrapur-cum-Chairman, R.M.C., Hinjilicut invites percentage rate bids in a single and double cover system (Technical Bid and Price Bid) in online mode from the eligible contractors having experience in similar nature of work. The details are as mentioned follows.

1. Details of tender:

| Sl. No. | Name of the work | Tender value (In Rs.) | E.M.D. (In Rs.) | Class of contractor | Period of completion | Cost of tender paper (In Rs.) |
|---|---|---|---|---|---|---|
| 1 | Construction of Model Mandi (Medium Unit) at Main Market Yard, Hinjilicut | 3,63,66,507.00 | NA (Bid Security Declaration) | A & Special Class | 10 (Ten calendar months) | 10,000.00 |
| 2 | Construction of Model Mandi (Small Unit) at Sub- Market Yard, Haripur Burudi | 1,00,33,237.00 | NA (Bid Security Declaration) | A & B Class | 10 (Ten calendar months) | 10,000.00 |
| 3 | Repairing & renovation of Agri Market Structure at Hinjilicut, Haripur Burudi and Chatrapur | 15,86,059.00 | NA (Bid Security Declaration) | C & D Class | 03 (Three months) | 6,000.00 |

2. Availability fo bid document in the website: 11.10.2021 to 22.11.2021 upto 05 P.M. 3. Date of opening of bid: 24.11.2021 at 11 A.M. 4. Any addendum / corrigendum/ cancellation of tender can also be seen in the said website only. 5. The bidders have to participate in ONLINE bidding only. Further details can be seen from the website: https://tendersodisha.gov.in / http://ganjam.nic.in.

**Sd./-Sub-Collector, Chatrapur-cum-Chairman, R.M.C., Hinjilicut**
OIPR-07047/11/0001/2122

**PANCHAYAT SAMITI OFFICE, RANPUR**
**DISTRICT- NAYAGARH**
**No.: 2651, Date: 28.9.21**

**No. i-186:-** Sealed tender is hereby invited from eligible contractors for execution of the Civil Work for Construction of Block Level Mini Stadium at Sunakhela Govt. High School, Rajsunakhela, Const. of AEE Qtr at Ranpur Block, New const. of Delivery Patient Waiting Room at Darpanarayanpur PHC, New Const. of Labour Room At Darpanarayanpur PHC under NHM in the District of Nayagarh. Detail term and condition may be downloaded from the website www.nayagarh.nic.in. The tender documents will be available in the above website from dt.01.10.2021 to dt.15.10.2021. The tender shold reach the office of the undersigned by dt.15.10.2021 (till 5.30 PM) through Regd. Post/ Speed Post. The tender will be opened at 11.30 AM on dt.25.10.2021. Last received and incomplete bids will not be entertained. The undersigned reserves the right to cancel all or any bids without assigning any reason thereof. No personal query to be entertained.

**Sd./- Rituparna Mohapatra, OAS (I)**
**Block Development Officer, Ranpur**
OIPR-19124/11/0002/2122

No. CAD-1443 idco Your power to grow ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**

Tender Call Notice No. H.O./P&C/EST-E-1529/01/2020 V-I- 17007 Date: 05.10.2021

**NOTICE INVITING TENDER THROUGH e-Procurement**

**Name of the Work** :- Construction of Road from main entry to Plot No.-27 at Chhatabar Industrial Estate, Bhubaneswar (800 mtr. Length)
**Estimated Cost** :- Rs.89.06 lakh (apprx).
**Period of Completion** :- 03 (three) calendar months.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID No. PC-EST-E-22/2021-22 | 17.00 hours of 11.10.2021 | 17.00 hours of 26.10.2021 |

**Further details can be seen from the e-Procurement Portal www.Tendersorissa.gov.in.** Corrigendum if any will not be published in newspapers and can only be seen in the e-procurement portal www.tenderorissa.gov.in and **IDCO website www.idco.in**.

**Sd./- Chief General Manager (P&C), IDCO, Bhubaneswar**
OIPR-14003/11/0075/2122

# ରାଜଧାନୀରେ ଶିଶୁବିକ୍ରି ଅଭିଯୋଗ

## ଶିଶୁପୁତ୍ରକୁ ଉଦ୍ଧାର କଲା ଚାଇଲ୍ଡଲାଇନ

## ବିକ୍ରି ସଂକ୍ରାନ୍ତ କାଗଜପତ୍ର ଜବତ

ଭୁବନେଶ୍ୱର,୮।୧୦(ବ୍ୟୁରୋ)

ନୟାପଲ୍ଲୀ ଥାନା ଅନ୍ତର୍ଗତ ବେହେରା ସାହିରେ ଶୁକ୍ରବାର ଜଣେ ନବଜାତ ଶିଶୁପୁତ୍ରକୁ ବିକ୍ରିକରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଓ ଚାଇଲ୍ଡଲାଇନ ସେଠାରେ ଚଢ଼ାଉ କରି ଏକ ଦମ୍ପତିଙ୍କଠାରୁ ଉକ୍ତ ଶିଶକୁ ଉଦ୍ଧାର କରିଛି। ଏଥିସହ ଶିଶୁ ବିକ୍ରିକୁ ନେଇ ହୋଇଥିବା ଆଇନଗତ ଚୁକ୍ତି ଦଲିଲ୍‌କୁ ଚାଇଲ୍ଡଲାଇନ୍ ଜବତ କରିଛି। ତେବେ ଶିଶୁପୁତ୍ର ବିକ୍ରି ଅଭିଯୋଗକୁ ତାଙ୍କ ମା' ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ମୁଁ ମୋ ଛୁଆକୁ ବିକ୍ରି କରିନାହିଁ। ଦମ୍ପତିଙ୍କ ପାଖରେ ରଖିବାକୁ ଦେଇଥିଲି। ଚାଇଲ୍ଡଲାଇନ୍ ଅଧକ୍ଷ ବେଣୁଧର ସେନାପତି କହିଛନ୍ତି, ଅତିରିକ୍ତ ସିଡବ୍ଲ୍ୟୁସି ଓ ଖୋର୍ଦ୍ଧା ଡିସିପିଓଙ୍କୁ ଏ ସଂକ୍ରାନ୍ତରେ ଅବଗତ କରାଯାଇଛି। ଉଦ୍ଧାର ଶିଶୁପୁତ୍ରକୁ କୋଳଥିଆସ୍ଥିତ ସୁଭଦ୍ରା ମହତାବ ସେବା ସଦନ (ସ୍ପେଶାଲ ଆଡପ୍ସନ୍ ଏଜେନ୍ସି)ରେ ରଖାଯାଇଛି। ଏହି ଘଟଣାରେ ସିଡବ୍ଲ୍ୟୁସି ଅଧିକ ତଦନ୍ତ କରିବ। ନୟାପଲ୍ଲୀ ଥାନା ଅଧିକାରୀ ଶରତ କୁମାର ସାହୁ କହିଛନ୍ତି, ଶିଶୁପୁତ୍ରକୁ ବିକ୍ରି କରାଯାଇ ନାହିଁ। ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ଶିଶୁପୁତ୍ରକୁ ରଖିବାକୁ ଜଣେ ଦମ୍ପତିଙ୍କୁ ଦେଇଥିଲେ। ଉଦ୍ଧାର ଶିଶୁପୁତ୍ରକୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ସ୍ଥାନୀୟ ଥାନା ବେହେରା ସାହିରେ ଜଣେ ମହିଳା ତାଙ୍କ ୩ ମାସର ଶିଶୁପୁତ୍ରକୁ ଜଣେ ଦମ୍ପତିଙ୍କୁ ୬୫୦୦ ଟଙ୍କାରେ ବିକ୍ରି କରିଥିବା ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପ୍ରଥମେ ସେଠାକୁ ଯାଇ ଶିଶୁପୁତ୍ରର ମା'ଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଖବର ପାଇ ଚାଇଲ୍ଡ ଲାଇନର ସଦସ୍ୟ ଥାନାରେ ପହଞ୍ଚିଥିଲେ। ଏହାପରେ ପୋଲିସ ଓ ଚାଇଲ୍ଡଲାଇନ୍ ସଦସ୍ୟ ବେହେରା ସାହିରେ ପହଞ୍ଚି ଦମ୍ପତିଙ୍କଠାରୁ ଶିଶୁପୁତ୍ରକୁ ଉଦ୍ଧାର କରି ଥାନାକୁ ଆଣିଥିଲେ।



ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି।

## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଜବତ

**ଜଟଣୀ,୮।୧୦(ଡି.ଏନ୍.ଏ.):** ଜଟଣୀ ଥାନା ପୋଲିସ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଲୋକ କଲୋନୀ ଅଞ୍ଚଳର ଭିକାରୀ ଚରଣ ପୃଷ୍ଟି(୫୪)। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୨/୨୧)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, କାକଟପୁର ଅଞ୍ଚଳର ଭିକାରି ଲୋକ କଲୋନୀ ଅଞ୍ଚଳରେ ଜଳଖିଆ ବ୍ୟବସାୟ କରିବା ସହିତ ସପରିବାର ରହୁଥିଲେ। କିଛି ଦିନ ହେବ ପରିବାର ଲୋକ ଗାଁକୁ ଯାଇଥିଲେ। ତେବେ ଶୁକ୍ରବାର ସକାଳେ ଭିକାରୀଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ପରମାନନ୍ଦ କଲେଜରେ ଆଲୋଚନାଚକ୍ର

**ବୋଲଗଡ଼,୮।୧୦(ଡି.ଏନ୍.ଏ.):** ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର 'ବିଜ୍ଞାନ ଓ ମାନବୀୟ ମୂଲ୍ୟବୋଧ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ପ୍ରାଧାପକ ହେମନ୍ତ ମହାପାତ୍ର ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ପ୍ରାଧାପିକା ରମାରାଣୀ ସିକଦାର କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଦେଇଥିଲେ। ପରେ ଛାତ୍ରୀ ଆଦ୍ୟଅନିତା ଦତ୍ତ ଓ ଛାତ୍ର ଶେକ୍ ଓ୍ୱାହିଦ୍ ଆଲୋଚନାଚକ୍ର ସମ୍ବନ୍ଧୀୟ ସନ୍ଦର୍ଭ ପାଠ କରିଥିଲେ। ଅଧକ୍ଷ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜ୍ଞାନ ପ୍ରାୟୋଗିକ ଜ୍ଞାନର ବିକାଶ ସହ ମାନବଧର୍ମୀ ହେଲେ ହିଁ ସମାଜର ସର୍ବୋତ୍ତମ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରାଧାପିକା ସୁଧାଂଶୁବାଳା ରଥଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅଧାପକ ପ୍ରଦୀପ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ଯୁଗଳ କିଶୋର ଡାକୁଆ, ରାଜକିଶୋର ସାହୁ, ବୈଦ୍ୟନାଥ ହୋତା ପ୍ରମୁଖ ପରିଚାଳନା କରିଥିଲେ।

### ପ୍ରାନ୍ତ ଅଭ୍ୟାସ ବର୍ଗ ଉଦ୍‌ଘାଟିତ

**ଖୋର୍ଦ୍ଧା ଅଫିସ,୮।୧୦:** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ୨ୟ ପ୍ରାନ୍ତ ଅଭ୍ୟାସ ବର୍ଗ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସଭାପତି ଗାର୍ଗୀ ବାନାର୍ଜୀ, ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି, ରାଜ୍ୟ ସଙ୍ଗଠନ ସମ୍ପାଦକ ଅଭିଳାଷ ପଣ୍ଡା, ଅଖିଳ ଭାରତୀୟ ଜନଜାତି କାର୍ଯ୍ୟ ପ୍ରମୁଖ ଗୋବିନ୍ଦ ନାୟକ ଉପସ୍ଥିତ ଥିଲେ। ଜନଜାତି ପ୍ରମୁଖ ନାୟକ ବିଦ୍ୟାର୍ଥୀ ପରିଷଦର କ୍ରମ ବିକାଶ ଓ ସ୍ୱାଧୀନତାର ଅମୃତ ମହୋତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାର୍ଥୀ ପରିଷଦର ଇତିହାସ ଓ ବିଦ୍ୟାର୍ଥୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ବର୍ଗ ତିନିଦିନ ଧରି ଚାଲିବ।

### ନୂତନ ଗୃହ ଉଦ୍‌ଘାଟିତ

**ଜଟଣୀ,୮।୧୦(ଡି.ଏନ୍.ଏ.):** ଜଟଣୀ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ରାଜୀବ କୁମାର କରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ତଥା ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜଟଣୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର ଏବଂ ଅଭୟ ବାରିକ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗ ମୁଖ୍ୟ ଡ. ସନ୍ତୋଷ ବିଶ୍ୱାଳ, ରଜନୀ ନାୟକ, ପବିତ୍ରା ପଦ୍ମାସନା, ଡ. ଅମିତ୍ ବିକ୍ରମ ପଟ୍ଟନାୟକ, ଡ. ତପନ ମିଶ୍ର, ବାଳକୃଷ୍ଣ ଚୌଧୁରୀ, ମହାବୀର ପ୍ରସାଦ ବେହେରା, ଡ.ଅନୁପ ମହାନ୍ତି, ଅଜିତ୍ କୁମାର ସୁନ୍ଦରାୟ, ବେଣୁଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଡ.କମଳ ପାଣି ଧନ୍ୟବାଦ ଦେଇଥିଲେ।

### ୨୦୨ ୟୁନିଟ୍ ରକ୍ତ ସଂଗ୍ରହ

**ନିରାକାରପୁର,୮।୧୦(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଜୋନସ୍ତରୀୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଇଥିଲେ। ଶିବିରରେ ମୋଟ ୨୦୨ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଟାଙ୍ଗୀ ବ୍ଲକ ଅଧକ୍ଷ ବିଜୟ ଜେନା, ହୃଷିକେଶ ରାଉତରାୟ, ସୁକାନ୍ତ ବେହେରା, ପ୍ରଭାତ ସ୍ୱାଇଁ, ବିଶ୍ୱଭୂଷଣ ସାମନ୍ତରାୟ, ରାଜେଶ ସାହୁ, ରଞ୍ଜିତ ଜଗଦେବ, ଦିବାକର ରାଉତରାୟ, ପ୍ରତାପ ସ୍ୱାଇଁ, ଟୁଟୁ ମହାପାତ୍ର, ଲିପୁନ ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ନ୍ୟାୟ ଦାବିରେ ରେଞ୍ଜ ଅଫିସ୍ ଆଗରେ ଧାରଣା



ବାଲୁଗାଁ ରେଞ୍ଜ୍ କାର୍ଯ୍ୟାଳୟ ଆଗରେ ପ୍ରେରଣା ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଛି।

ବାଲୁଗାଁ,୮।୧୦(ଡି.ଏନ୍.ଏ.)

ବାଲୁଗାଁ ବନବିଭାଗ ଅଧୀନ ବରବରା ଧୂଆଁନଳୀ ଜଙ୍ଗଲରୁ ଶାଗୁଆନ ଗଛ କଟାକୁ ନେଇ ସ୍ଥାନୀୟ ଫରେଷ୍ଟରଙ୍କ ସମେତ ବନ କର୍ମଚାରୀଙ୍କୁ କେତେଜଣ ଗ୍ରାମବାସୀ ମାଡ଼ ମାରି ଆଣ୍ଠେଇ ଦେଇଥିବା ବାଣପୁର ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ୨ଜଣ ଗ୍ରାମବାସୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାର ପ୍ରତିବାଦରେ ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥିବା ସମ୍ପୃକ୍ତ ଅଧିବାସୀଙ୍କୁ ନ୍ୟାୟ ପ୍ରଦାନ ସହ ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଶୁକ୍ରବାର ସାମାଜିକ ସଙ୍ଗଠନ 'ପ୍ରେରଣା' ପକ୍ଷରୁ ବାଲୁଗାଁ ରେଞ୍ଜ ଅଫିସ ଆଗରେ ଗଣଧାରଣା ଦିଆଯାଇଥିଲା। ଏଥିସହ ସଙ୍ଗଠନ ପକ୍ଷରୁ ୬ଦଫା ସମ୍ବଳିତ ଦାବିପତ୍ର ବନବିଭାଗୀୟ ଅଧିକାରୀ ଏବଂ ବାଲୁଗାଁ ଏସ୍‌ଡିପିଓଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ପୂର୍ବରୁ ସିଆରପିଏଫ୍ ଯବାନ ମୁତୟନ ରହି ଏହି ଜଙ୍ଗଲକୁ ସୁରକ୍ଷା ଯୋଗାଉଥିଲେ। ସେମାନଙ୍କୁ ଏଠାରୁ ପ୍ରତ୍ୟାହାର କରି ନିଆଯିବା ପରେ ବର୍ତ୍ତମାନ ସ୍ୱଳ୍ପ ସଂଖ୍ୟକ ବନ କର୍ମଚାରୀଙ୍କ ସମେତ କେତେଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଜଙ୍ଗଲ ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ଫଳରେ ଏତେ ବଡ଼ ଜଙ୍ଗଲକୁ ସୁରକ୍ଷା ଦେବା ଅସମ୍ଭବ। ଏହି ପରିପ୍ରେକ୍ଷୀରେ ଉକ୍ତ ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଗ୍ରାମବାସୀଙ୍କୁ ନେଇ ଏକ ଜଙ୍ଗଲ ସୁରକ୍ଷା କମିଟି ଗଠନ କରାଯାଇଛି। ଗତ ୧ ତାରିଖରେ କେତେଜଣ ବନ କର୍ମଚାରୀ କାଠ କଟାଳିଙ୍କୁ ଧରି ମୂଲ୍ୟବାନ କାଠ କାଟୁଥିବା ବେଳେ ଦାୟିତ୍ୱରେ ଥିବା ସୁରକ୍ଷା କମିଟି ଏହାକୁ ବିରୋଧ କରିବା ସହ ସମ୍ପୃକ୍ତ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଖବରପାଇ ପୋଲିସ ଓ ବିଭାଗୀୟ କର୍ତ୍ତୃପକ୍ଷ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ପରେ ଏହି ଘଟଣାରେ ପୋଲିସ ଦୁଇ ଜଣ ଗ୍ରାମବାସୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। 'ପ୍ରେରଣା'ର ସଭାପତି ଡ. ଦିଲୀପ ଶ୍ରୀଚନ୍ଦନ ଏବଂ ଏକତା ପରିଷଦ ଓଡ଼ିଶା ମୁଖ୍ୟ ବିଜୟ ପ୍ରଧାନ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ ପାଇଁ ଅଣ୍ଟା ଭିଡ଼ିଥିଲେ। ୬ଦଫା ଦାବି ନେଇ ଶୁକ୍ରବାର ପୂର୍ବାହ୍ନରେ ସଙ୍ଗଠନ ପକ୍ଷରୁ ବାଲୁଗାଁ ବନ ବିଭାଗ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡ଼ିକ ପ୍ରତି ଗୁରୁତ୍ୱ ଦିଆ ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଡ. ଶ୍ରୀଚନ୍ଦନ କହିଛନ୍ତି।

# ଅଳଙ୍କାର କ୍ଲଷ୍ଟର ଲାଗି ମହିଳା ଉଦ୍ୟୋଗୀଙ୍କ ଯୋଜନା

ଭୁବନେଶ୍ୱର,୮।୧୦

ରାଜ୍ୟ ମଧ୍ୟରେ ଅଳଙ୍କାର କ୍ଲଷ୍ଟର ବିକାଶ ଲାଗି ମହିଳା ଉଦ୍ୟୋଗୀମାନେ ଯୋଜନା ରଖିଛନ୍ତି। ଏହାବାଦ ଏଭଳି କ୍ଷେତ୍ର ସହ ଜଡ଼ିତ ଏକ କମନ ଫାସିଲିଟି ସେଣ୍ଟର ସ୍ଥାପନ କରିବା ମଧ୍ୟ ଯୋଜନା ରଖାଯାଇଛି। କେନ୍ଦ୍ର ପକ୍ଷରୁ ଏଥିଲାଗି ୨୦ କୋଟି ଟଙ୍କାର ପାଣ୍ଠି ବ୍ୟବସ୍ଥା କରାଯାଇଥିବା ଆଇସିସି ୱମେନ୍ ଏଣ୍ଟରପ୍ରେନ୍ୟୁରଶିପ୍ କମିଟି (ଆଇଡବ୍ଲ୍ୟୁଇସି) ଓ ଏମ୍ଏସ୍ଏମ୍ଇ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍, କଟକ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏମ୍ଏସ୍ଇ-ସିଡିପି ସ୍କିମ୍ ଓ ନିବେଶକ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ଏଭଳି ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ତାରକସି, ଜାଲି କାମ ଓ ଚମତ୍କାର କାରିଗରି କୌଶଳରେ ନିପୁଣ ଥିବାରୁ ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ବହୁ ଆଗରେ ରହିଛି। ରାଜ୍ୟରେ ଏକ ଅଳଙ୍କାର କ୍ଲଷ୍ଟର ସ୍ଥାପନ କରିବା ଲାଗି ଉଦ୍ୟୋଗୀମାନେ ଆଗେଇ ଆସିବା ଦରକାର ବୋଲି ଟାଇ ଇଣ୍ଡିଆ ଆଞ୍ଜେଲ୍‌ସର ଅଧକ୍ଷ ମହାବୀର ପ୍ରତାପ ଶର୍ମା କହିଛନ୍ତି। ଏହି ଅବସରରେ ଏମ୍ଏସ୍ଏମ୍ଇ-ଡିଆଇ, କଟକର ଯୁଗ୍ମ ନିର୍ଦ୍ଦେଶକ ଓ ଏଚ୍ଓଡି ପି.କେ. ଗୁପ୍ତା ଅଳଙ୍କାର, ଟୁରିଜମ୍, ସେଲୁନ ଓ ୱେଲ୍‌ନେସ୍ ସେଣ୍ଟରର ବ୍ୟବସାୟୀମାନଙ୍କୁ ଆଗକୁ ଆସି ସେମାନଙ୍କ କ୍ଷେତ୍ର ପାଇଁ କମନ ଫାସିଲିଟି ସେଣ୍ଟର ସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇସିସି ଓଡ଼ିଶା କାଉନସିଲର ଅଧକ୍ଷ ଜେ.ବି.ପାଣି, ଆଇଡବ୍ଲ୍ୟୁଇସି କନ୍‌ଭେନର୍ ସୁକ୍ରିତି ପଟ୍ଟନାୟକ, ଆଇସିସି ଓଡ଼ିଶା ଚାପ୍ଟରର ରାଜ୍ୟ ମୁଖ୍ୟ ଜ୍ୟୋତିପ୍ରକାଶ ପାଲ୍, ଆଇସିସି ୱମେନ୍ ଏଣ୍ଟରପ୍ରେନ୍ୟୁର୍ସ କମିଟିର କୋ-କନ୍‌ଭେନର ଚିଦାତ୍ମିକା ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ୨୨ କେଜି ଗଞ୍ଜେଇ ଜବତ, ୩ ଗିରଫ

ଭୁବନେଶ୍ୱର,୮।୧୦(ବ୍ୟୁରୋ)

ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ କୋଲକାତା ଚାଲାଣ ବେଳେ ଭରତପୁର ଥାନା ପୋଲିସ ୨୨ କିଲୋ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ଜଣ ଆନ୍ତଃରାଜ୍ୟ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲା ମୋହନପୁର ଥାନାଞ୍ଚଳର ତାପସ ମଣ୍ଡଳ(୩୬), ହାଫିଜ୍ ଗଜି(୪୮) ଓ ଅରୁଣ ସାହୁ (୩୮)। ପୋଲିସ ମାମଲା (ନଂ. ୩୫୩/୨୧) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ସମ୍ପୃକ୍ତ ଅଭିଯୁକ୍ତମାନେ କନ୍ଧମାଳରୁ ଗଞ୍ଜେଇବସ୍ତା ଧରି ଶୁକ୍ରବାର ଅପରାହ୍ନରେ ବସ୍ ଯୋଗେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ସେମାନେ କୋଲକାତା ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିବାବେଳେ ଖବରପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା।

# ଗ୍ୟାଙ୍ଗଷ୍ଟର ରାଜା ଆଚାର୍ଯ୍ୟଙ୍କ ପିଟିଶନ ଖାରଜ

କଟକ ଅଫିସ,୮।୧୦

୨୦୨୦ ଡିସେମ୍ବର ୧୮ରେ ପୋଲିସ କମିଶନର ଝାରପଡା ଜେଲରେ ଥିବା ଗ୍ୟାଙ୍ଗଷ୍ଟର ରାଜା ଆଚାର୍ଯ୍ୟଙ୍କୁ ଜାତୀୟ ନିରାପତ୍ତା ଆଇନ(ଏନ୍ଏସ୍ଏ)ରେ ଅଟକ ରଖିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାକୁ ଡିସେମ୍ବର ୨୮ରେ ରାଜ୍ୟ ଗୃହ ବିଭାଗ ମଞ୍ଜୁର କରିଥିଲା। ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ରାଜା ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣିକରି ଆବେଦନକୁ ଖାରଜ କରିଦେଇଛନ୍ତି। ମାମଲାର ଶୁଣାଣିବେଳେ ସରକାରୀ ଓକିଲ ଜେ.କଟିକିଆ ଓ ପି.କେ. ପାତ୍ରୀ ଦର୍ଶାଇଥିଲେ, ୨୦୨୦ ଅକ୍ଟୋବର ୧୭ରେ ଆବେଦନକାରୀ ଓ ତାଙ୍କ ସହଯୋଗୀମାନେ ଭୁବନେଶ୍ୱର ୟୁନିଟ୍-୨ରେ ଦାଦାବଟି ଆଦାୟ କରୁଥିଲେ। ଏହି ସମୟରେ ସେମାନେ ଲୋକଙ୍କୁ ନିଜର ପୂର୍ବ କାରନାମା ସମ୍ପର୍କରେ ମନେପକାଇ ଆତଙ୍କ ଖେଳାଇଥିଲେ। ଫଳରେ ସେ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରିଥିଲେ। ଏନେଇ କ୍ୟାପିଟାଲ ଥାନା ପୋଲିସ ମାମଲା ରୁଜୁ କରିବା ହେବା ସହ ରାଜାଙ୍କୁ ଗିରଫ କରିଥିଲା। ପରେ ତାଙ୍କ ନାମରେ ଏନ୍ଏସ୍ଏ ଲାଗୁ ହୋଇଥିଲା। ଅନ୍ୟପକ୍ଷରେ ଆବେଦନକାରୀଙ୍କ ଓକିଲ ଶିବଶଙ୍କର ମିଶ୍ର ଦର୍ଶାଇଥିଲେ, ୨୦୨୦ ଅକ୍ଟୋବର ୧୭ ତାରିଖ ମାମଲା ବ୍ୟତୀତ ୨୦୧୭ ପର୍ଯ୍ୟନ୍ତ ରାଜାଙ୍କ ନାମରେ କୌଣସି ମାମଲା ନାହିଁ। ଗୋଟିଏ ମାମଲାରେ ଏନ୍ଏସ୍ଏ ଲାଗୁ କରାଯାଇପାରିବନାହିଁ। ଏହାଦ୍ୱାରା ଭାରତୀୟ ସମ୍ବିଧାନର ଧାରା ୨୨(୫) ଉଲ୍ଲଂଘନ ହେଉଛି।

# ୪ ପାଣିପମ୍ପ ମୋଟର ଜବତ, ୩ ଗିରଫ

ବାରଙ୍ଗ,୮।୧୦(ଡି.ଏନ.ଏ.)

ପାଣିପମ୍ପ ମୋଟର ଚୋରି ଅଭିଯୋଗରେ ଚନ୍ଦକା ଥାନା ପୋଲିସ ଶୁକ୍ରବାର ୩ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେମାନେ ହେଲେ ଏହି ଥାନା ମେଣ୍ଢାଶାଳ କୁକୁଡାମୁଣ୍ଡିର ଏସ.କେ. ୟୁନୁସ, ମନ୍ଦିର ସାହିର ରାଜକିଶୋର ବାରିକ ଓ ବାରିକ ସାହି ପ୍ରଭାକର ବାରିକ। ସେମାନଙ୍କଠାରୁ ୪ଟି ପାଣିପମ୍ପ ମୋଟର ପୋଲିସ ଜବତ କରିଛି। ମେଣ୍ଢାଶାଳ ନିକଟସ୍ଥ ଡେରାସ ଫର୍ମର ସିଫୁଡ ପାର୍କରୁ ଏକ ସମରସେବୁଲ ପାଣିପମ୍ପ ଚୋରି ହୋଇଥିବାର ଗତ ୭ତାରିଖରେ ସିକ୍ୟୁରିଟି ଗାର୍ଡ ସୁନୀଲ ରଞ୍ଜନ ନାୟକ ମେଣ୍ଢାଶାଳ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୨୩୯/୨୧ ରେ ମାମଲା ରୁଜୁ କରି ତଦନ୍ତ କରି ଧରିଥିଲେ।



ଜଟଣୀ ପୌର କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବା ବସ୍ତିବାସିନ୍ଦାମାନେ।

# ବସ୍ତିବାସିନ୍ଦାଙ୍କୁ ଥଇଥାନ ଦାବି

ଜଟଣୀ,୮।୧୦(ଡି.ଏନ୍.ଏ.)

ବସ୍ତି ବାସିନ୍ଦାଙ୍କୁ ଥଇଥାନ ଦାବିରେ ଶୁକ୍ରବାର ଜଟଣୀର ସାମାଜିକ ଅନୁଷ୍ଠାନ ମହାତ୍ମାଗାନ୍ଧୀ ଓ ଲାଲବହାଦୁର ଶାସ୍ତ୍ରୀ ସ୍ମୃତି କମିଟି ସଭାପତି ବିଭୂତି ଭୂଷଣ ମିଶ୍ରଙ୍କ ନେତୃତ୍ୱରେ ପୌର କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଏଥିରେ ବସ୍ତିବାସିନ୍ଦାମାନେ ମଧ୍ୟ ସାମିଲ ହୋଇଥିଲେ। ଜଟଣୀ ରେଳବାଇ କଲୋନୀରେ ଅଞ୍ଚଳରେ ରହୁଥିବା ବସ୍ତିକୁ ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଛି। ଉକ୍ତ ବାସିନ୍ଦାଙ୍କ ପକ୍ଷରୁ ପ୍ରତିବାଦ ପରେ ସ୍ଥାୟୀ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ସମାଧାନ ହୋଇନାହିଁ। ସ୍ଥାୟୀ ଥଇଥାନ ନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଖୋର୍ଦ୍ଧା: ୩୦ ଜିଲା ପରିଷଦ ଆସନରୁ ୮ ଅଣସଂରକ୍ଷିତ

ଖୋର୍ଦ୍ଧା ଅଫିସ,୮।୧୦

ଜିଲା ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲାର ୧୦ଟି ପଞ୍ଚାୟତ ସମିତିର ଅଧକ୍ଷ, ଅଧକ୍ଷା ଓ ୩୦ଟି ଜିଲାପରିଷଦ ଆସନର ଚୁଡାନ୍ତ ସଂରକ୍ଷଣ ତାଲିକା ପ୍ରକାଶିତ ହୋଇଛି। ଜିଲାପରିଷଦ ସଭାପତି ଆସନ ପାଇଁ ସଂରକ୍ଷଣ ଘୋଷଣା ହୋଇ ନ ଥିବାବେଳେ ଜିଲାର ୩୦ଟି ଜିଲା ପରିଷଦ ଆସନ ମଧ୍ୟରୁ ୮ଟି ଆସନ ଅଣସଂରକ୍ଷିତ, ୩ଟି ଆସନ ପଛୁଆବର୍ଗ, ୩ଟି ଅନୁସୂଚିତ ଜନଜାତି, ୪ଟି ପଛୁଆବର୍ଗ ମହିଳା, ସାଧାରଣ ମହିଳାଙ୍କ ପାଇଁ ୭ଟି, ୨ଟି ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ୩ଟି ଆସନ ସଂରକ୍ଷିତ ରହିଛି। ସେହିପରି ଜିଲାରେ ଥିବା ୧୦ଟି ପଞ୍ଚାୟତ ସମିତର (ବ୍ଲକ) ଅଧକ୍ଷ ପଦବୀ ମଧ୍ୟରୁ ଖୋର୍ଦ୍ଧା ପଛୁଆବର୍ଗ, ଚିଲିକା ଅନୁସୂଚିତ ଜାତି ମହିଳା, ଜଟଣୀ, ବାଣପୁର ଓ ଭୁବନେଶ୍ୱର ବ୍ଲକ ଅଣସଂରକ୍ଷିତ ଥିବା ବେଳେ ଟାଙ୍ଗୀ ଓ ବାଲିଅନ୍ତା ବ୍ଲକ ମହିଳା, ବାଲିପାଟଣା ଅନୁସୂଚିତ ଜାତି, ବେଗୁନିଆ ଅନୁସୂଚିତ ଜନଜାତି ମହିଳା, ବୋଲଗଡ ପଞ୍ଚାୟତ ସମିତିର ଅଧକ୍ଷ ପଦ ପଛୁଆବର୍ଗ ମହିଳା ରହିଛି। ଏହି ତାଲିକା ଜିଲାପାଳଙ୍କ କାର୍ଯ୍ୟାଳୟ, ଉପଜିଲାପାଳ ଓ ବ୍ଲକ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଟଙ୍ଗାଯିବ। ଏନେଇ କୌଣସି ବ୍ୟକ୍ତିଙ୍କ ଆପତ୍ତି କିମ୍ବା କିଛି ପ୍ରସ୍ତାବ ଥିଲେ ଖୋର୍ଦ୍ଧା ପଞ୍ଚାୟତ ଅଧିକାରୀଙ୍କ ନିକଟକୁ ଡାକ କିମ୍ବା ଡିପିଓଖୋର୍ଦ୍ଧା ଆଟ୍ ଜିମେଲ୍ ଡଟ୍ କମ୍ ଯୋଗେ ଚଳିତ ମାସ ୧୬ ତାରିଖ ସୁଦ୍ଧା ପଠାଇବେ। ପରେ ଏନେଇ କୌଣସି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।


**PANCHAYAT SAMITI OFFICE, RANPUR**
**DISTRICT- NAYAGARH**
**No.: 2651, Date: 28.9.21**

**No. i-186:-** Sealed tender is hereby invited from eligible contractors for execution of the Civil Work for Construction of Block Level Mini Stadium at Sunakhela Govt. High School, Rajsunakhela, Const. of AEE Qtr at Ranpur Block, New const. of Delivery Patient Waiting Room at Darpanarayanpur PHC, New Const. of Labour Room At Darpanarayanpur PHC under NHM in the District of Nayagarh. Detail term and condition may be downloaded from the website www.nayagarh.nic.in. The tender documents will be available in the above website from dt.01.10.2021 to dt.15.10.2021. The tender shold reach the office of the undersigned by dt.15.10.2021 (till 5.30 PM) through Regd. Post/ Speed Post. The tender will be opened at 11.30 AM on dt.25.10.2021. Last received and incomplete bids will not be entertained. The undersigned reserves the right to cancel all or any bids without assigning any reason thereof. No personal query to be entertained.

**Sd./- Rituparna Mohapatra, OAS (I)**
**Block Development Officer, Ranpur**
OIPR-19124/11/0002/2122

No.A-506
**GOVERNMENT OF ODISHA**
**Office of the Superintending Engineer, Berhampur Irrigation Division, Berhampur**
**Phone/FAX No. 0680 2281983, e-mail: eebam_irr@yahoo.com**
**e-Procurement Notice No. e-BEID-02/2021-22**

1. Name of the Scheme : Critical, State Plan, Restoration & Road works & DPIW work for the F.Y. 2021-22
2. Total No. of Works : 19 (Nineteen) Nos. of Individual works.
3. Estimated Cost : Varies from Rs.5.29 Lakhs to Rs.46.74 Lakhs.
4. Period of Completion : Four to Five months.
5. Other details as follows :

| Sl. No. | Procurement Officer | Bid Identification No. | Period of availability of Bids online | Period of submission of Bids online | Date and Place of opening of Bids online |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 to 19 | Executive Engineer, Berhampur Irrigation Division, Berhampur | e-BEID-51/2021-22 to e-BEID-69/2021-22 | From 11.10.2021 (10.00 A.M.) to 21.10.2021 (5.30 P.M.) | From 11.10.2021 (10.00 A.M.) to 21.10.2021 (5.30 P.M.) | 22.10.2021 (11.00 A.M.) in the Office of the Superintending Engineer, Berhampur Irrigation Division |

Bidders are to participate in online bidding only. Further details can be seen from the Govt. of Odisha e-Procurement Web-site www.tendersorissa.gov.in. Any addendum/Corrigendum/cancellation of the tender can be seen in the above website only.
OIPR-32025/11/0002/2122 **Sd./- Superintending Engineer, Berhampur Irrigation Division**

**OFFICE OF THE REGULATED MARKET COMMITTEE HINJILICUT (GANJAM)**
**E-Mail: rmchinj@rediffmail.com**
**Notice No.-444 Dated: 05.10.2021**
**BID IDENTIFICATION NO-RMC HINJILICUT-01/2021**

No.H-23:- The Sub-Collector, Chatrapur-cum-Chairman, R.M.C., Hinjilicut invites percentage rate bids in a single and double cover system (Technical Bid and Price Bid) in online mode from the eligible contractors having experience in similar nature of work. The details are as mentioned follows.
1. Details of tender:

| Sl. No. | Name of the work | Tender value (In Rs.) | E.M.D. (In Rs.) | Class of contractor | Period of completion | Cost of tender paper (In Rs.) |
|---|---|---|---|---|---|---|
| 1 | Construction of Model Mandi (Medium Unit) at Main Market Yard, Hinjilicut | 3,63,66,507.00 | NA (Bid Security Declaration) | A & Special Class | 10 (Ten calendar months) | 10,000.00 |
| 2 | Construction of Model Mandi (Small Unit) at Sub- Market Yard, Haripur Burudi | 1,00,33,237.00 | NA (Bid Security Declaration) | A & B Class | 10 (Ten calendar months) | 10,000.00 |
| 3 | Repairing & renovation of Agri Market Structure at Hinjilicut, Haripur Burudi and Chatrapur | 15,86,059.00 | NA (Bid Security Declaration) | C & D Class | 03 (Three months) | 6,000.00 |

2. Availability fo bid document in the website: 11.10.2021 to 22.11.2021 upto 05 P.M. 3. Date of opening of bid: 24.11.2021 at 11 A.M. 4. Any addendum / corrigendum/ cancellation of tender can also be seen in the said website only. 5. The bidders have to participate in ONLINE bidding only. Further details can be seen from the website: https://tendersodisha.gov.in / http://ganjam.nic.in.

**Sd./-Sub-Collector, Chatrapur-cum-Chairman, R.M.C., Hinjilicut**
OIPR-07047/11/0001/2122

No. CAD-1443
idco Your power to grow
ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**
Tender Call Notice No. H.O./P&C/EST-E-1529/01/2020 V-I- 17007 Date: 05.10.2021
**NOTICE INVITING TENDER THROUGH e-Procurement**

**Name of the Work** :- Construction of Road from main entry to Plot No.-27 at Chhatabar Industrial Estate, Bhubaneswar (800 mtr. Length)
**Estimated Cost** :- Rs.89.06 lakh (apprx).
**Period of Completion** :- 03 (three) calendar months.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID No. PC-EST-E-22/ 2021-22 | 17.00 hours of 11.10.2021 | 17.00 hours of 26.10.2021 |

**Further details can be seen from the e-Procurement Portal www.Tendersorissa.gov.in.** Corrigendum if any will not be published in newspapers and can only be seen in the e-procurement portal **www.tenderorissa.gov.in** and **IDCO website www.idco.in**.

**Sd./- Chief General Manager (P&C), IDCO, Bhubaneswar**
OIPR-14003/11/0075/2122